


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com


ବାଲେଶ୍ୱର ■ ବୁଧବାର ୦୯ ଡିସେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 09 DECEMBER 2020
Vol.No. 30 ■ No. 311 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ପୂଜାସଙ୍ଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ପ୍ରଥମାଷ୍ଟମୀର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୦୮।୧୨ (ନି.ପ୍ର): ପ୍ରଥମାଷ୍ଟମୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ପବିତ୍ର ପ୍ରଥମାଷ୍ଟମୀ ଅବସରରେ ପରିବାରର ଜ୍ୟେଷ୍ଠ ସନ୍ତାନମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅପାର କୃପାରୁ ସମସ୍ତଙ୍କ ଜୀବନ ସୁଖ ଏବଂ ସମୃଦ୍ଧିରେ ଭରିଯାଉ ।

## କରୋନାରୁ ସୁସ୍ଥ ହେଲେ ୫୨୩ ଆକ୍ରାନ୍ତ

ଭୁବନେଶ୍ୱର,୦୮।୧୨ (ନି.ପ୍ର): ରାଜ୍ୟରେ ଆଜି ୫୨୩ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୩ ଲକ୍ଷ ୧୬ ହଜାର ୯୭୦କୁ ବୃଦ୍ଧି ପାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ ଜରିଆରେ ଏହି ସୂଚନା ଦିଆଯାଇଛି ।
ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ବଲାଙ୍ଗୀର ଜିଲ୍ଲାରୁ ସର୍ବାଧିକ ୫୫ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି । ମୟୂରଭଂଜ ଜିଲ୍ଲାରୁ ୫୨ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୫୧ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୪୭ ଜଣ, କଟକ ଜିଲ୍ଲାରୁ ୪୫ ଜଣ, ଅନୁଗୁଳ ଜିଲ୍ଲାରୁ ୩୨ ଜଣ, ଯାଜପୁର ଜିଲ୍ଲାରୁ ୨୯ ଜଣ, ବାଲେଶ୍ୱର ଜିଲ୍ଲାରୁ ୨୬ ଜଣ, ବରଗଡ଼, ନୂଆପଡ଼ା ଜିଲ୍ଲାରୁ ୨୪ ଜଣ ଲେଖାଏଁ ଓ ଜଗତସିଂହପୁର ଜିଲ୍ଲାରୁ ୨୧ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିଭଳି ସମ୍ବଲପୁର ଜିଲ୍ଲାରୁ ୧୬ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୪ ଜଣ, ପୁରୀ ଜିଲ୍ଲାରୁ ୧୩ ଜଣ, ଗଂଜାମ, କେନ୍ଦୁଝର, ରାୟଗଡ଼ା ଜିଲ୍ଲାରୁ ୯ ଜଣ ଲେଖାଏଁ, କୋରାପୁଟ ଜିଲ୍ଲାରୁ ୮ ଜଣ, ନୟାଗଡ଼ ଜିଲ୍ଲାରୁ ୭ ଜଣ, ଭଦ୍ରକ, କଳାହାଣ୍ଡି ଜିଲ୍ଲାରୁ ୬ ଜଣ ଲେଖାଏଁ, ଝାରସୁଗୁଡ଼ା, ମାଲକାନଗିରି ଜିଲ୍ଲାରୁ ୩-୩ ଜଣ, ଢେଙ୍କାନାଳ, ନବରଂଗପୁର ଜିଲ୍ଲାରୁ ୨ ଜଣ ଲେଖାଏଁ, ଦେବଗଡ଼ ଜିଲ୍ଲାରୁ ଜଣେ ଓ ରାଜ୍ୟପୁଲରୁ ୯ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

## କୃଷି ବିଲ୍ ପ୍ରତ୍ୟାହାର ପାଇଁ ପୂଜାର୍ଚ୍ଚନା କଲେ ଚାଷୀ

ଭୁବନେଶ୍ୱର,୦୮।୧୨ (ନି.ପ୍ର): ଭାରତର ପ୍ରଥମ କୃଷକ ମନ୍ଦିର ମଣିଜୋରିଠାରେ କେନ୍ଦ୍ର ସରକାରଙ୍କ କୃଷକ ବିରୋଧୀ ବିଲ୍‌କୁ ବିରୋଧ କରି ଶହ ଶହ ଚାଷୀ ଏକତ୍ରିତ ହୋଇ କେନ୍ଦ୍ର ସରକାରଙ୍କ ବିରୋଧରେ ପୂଜାର୍ଚ୍ଚନା କରିବା ସହ କେନ୍ଦ୍ର ସରକାରଙ୍କୁ ଭଲ ବୁଦ୍ଧି ଦେବା ସହ କୃଷକ ବିରୋଧୀ ବିଲ୍‌କୁ ପ୍ରତ୍ୟାହାର କରିବା ପାଇଁ ପୂଜାର୍ଚ୍ଚନା କରିଥିଲେ । ଏତଦ୍‌ବ୍ୟତୀତ ହାତରେ ବିଭିନ୍ନ ପ୍ରକାର ପ୍ଲାକାର୍ଡ଼ ଧରି କେନ୍ଦ୍ର ସରକାର କୃଷକ ବିଲ୍ ପ୍ରତ୍ୟାହାର କରିବା ଆମର ଦାବି, ଯଦି କେନ୍ଦ୍ର ସରକାର କୃଷି ବିଲ୍ ପ୍ରତ୍ୟାହାର ନକରନ୍ତି, ତେବେ ଏହି ଆନ୍ଦୋଳନ ଜାରି ରହିବ ।

# ରାଜ୍ୟରେ ଭାରତ ବନ୍ଦର ଆଂଶିକ ପ୍ରଭାବ



ଭୁବନେଶ୍ୱର,୦୮।୧୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନକୁ ବିରୋଧ କରି ମଙ୍ଗଳବାର ଦିନ କୃଷକ ସଂଗଠନଗୁଡ଼ିକ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିଲା । ଓଡିଶାରେ 'ଭାରତ ବନ୍ଦ'ର ଆଂଶିକ ପ୍ରଭାବ ପଡିଥିବା ଦେଖିବାକୁ ମିଳିଛି । ବନ୍ଦ ପାଳନକୁ କଂଗ୍ରେସ ସମେତ ବିଭିନ୍ନ ବାମପନ୍ଥୀ ଦଳ ଓ ଟ୍ରେଡ୍ ୟୁନିଅନ୍ ମାନେ ସମର୍ଥନ ଜଣାଇଥିଲେ । ତେବେ ବ୍ୟବସାୟୀ ସଂଘ ଏଥିରେ ସାମିଲ ହୋଇନଥିଲା । ରାଜ୍ୟର କିଛିସ୍ଥାନରେ ଦୋକାନବଜାର ବନ୍ଦ ରହିଥିବା ବେଳେ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା । ବିଭିନ୍ନ ବସଷ୍ଟାଣ୍ଡରେ ସକାଳୁ ବନ୍ଦ ସମର୍ଥନକାରୀ ପିକେଟିଂ କରିଥିବାରୁ ବସ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଯାତ୍ରୀମାନେ ଗନ୍ତବ୍ୟସ୍ଥଳକୁ ଯାଇ ନପାରି ବସି ରହିଥିଲେ ।
ରାଜଧାନୀ ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ୍ ସମେତ ବହୁ ସ୍ଥାନରେ ବିଭିନ୍ନ ସଂଗଠନ ପକ୍ଷରୁ ରେଳରୋକ କରାଯାଇଥିଲା । ଯାହାଫଳରେ ବହୁ ଦୂରଗାମୀ ଟ୍ରେନ୍ ଷ୍ଟେସନଗୁଡ଼ିକରେ ଅଟକି ରହିଥିଲା ।

▶▶ପୃଷ୍ଠା ୭

## ବନ୍ଦ ସଂପୂର୍ଣ୍ଣରୂପେ ସଫଳ ହୋଇଛି : କଂଗ୍ରେସ



ଭୁବନେଶ୍ୱର,୦୮।୧୨ (ନି.ପ୍ର): କେନ୍ଦ୍ର ସରକାରଙ୍କର ୩ଟି କୃଷି ଆଇନ ବିରୋଧରେ କୃଷକ ମାନଙ୍କ ଦ୍ୱାରା ଡକା ଯାଇଥିବା ଭାରତ ବନ୍ଦକୁ କଂଗ୍ରେସ ପୂର୍ଣ୍ଣ ପ୍ରାଣରେ ସମର୍ଥନ ଜଣାଇଛି । କଂଗ୍ରେସ କୃଷକମାନଙ୍କ ସହିତ ରହିଛି ଏବଂ କୃଷକମାନଙ୍କ ସ୍ୱାର୍ଥକୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ସ୍ତରରେ କଂଗ୍ରେସ ଲଢ଼େଇ କରିବ । ଅଖିଳ ଭାରତ କଂଗ୍ରେସର ଅଧ୍ୟକ୍ଷା ଶ୍ରୀମତୀ ସୋନିଆ ଗାନ୍ଧୀ ଏ ବର୍ଷ ମଧ ଜନ୍ମ ଦିନକୁ ପାଳନ ନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ସେ ତାଙ୍କ ବାର୍ତାରେ କହିଛନ୍ତି ଯେ ପର୍ଯ୍ୟନ୍ତ ଭାରତ ବର୍ଷର କୃଷକ ସମ୍ମାନ ସହକାରେ ତା'ର ଘରକୁ ଫେରି ନାହିଁ । ସେ ପର୍ଯ୍ୟନ୍ତ ମୋର ଜନ୍ମଦିନ ପାଳନ ହେବ ନାହିଁ ।

▶▶ପୃଷ୍ଠା ୭

## ବ୍ରିଟେନ୍‌ର ୯୦ ବର୍ଷୀୟ ମହିଳା ନେଲେ ପ୍ରଥମ ଫାଇଜର ଟିକା




ଲଣ୍ଡନ୍ ,୦୮।୧୨ (ନି.ପ୍ର): ବ୍ରିଟେନର ୯୦ ବର୍ଷିୟ ମାରଗରେଟ୍ କିନନ୍ ଦୁନିଆର ପ୍ରଥମ ମହିଳା ଭାବେ କରୋନାର ପ୍ରଥମ ସଂପୂର୍ଣ୍ଣ ବିକଶିତ ଟିକା ନେଇଛନ୍ତି । ମଙ୍ଗଳବାର ମଧ୍ୟ ଇଂଲଣ୍ଡର କୋଭେଂଟ୍ରି ହସ୍ପିଟାଲରେ ଡାକ୍ତରମାନେ ତାଙ୍କୁ ଫାଇଜର / ବାୟୋଏନଟେକ୍ ଦ୍ୱାରା ବିକଶିତ କରୋନାର ପ୍ରଥମ ଟିକା ଦେଇଥିଲେ । ତାଙ୍କୁ ସ୍ଥାନୀୟ ସମୟ ସଂଧ୍ୟା ୬.୩୧ ରେ ଟିକା ଦିଆଯାଇଥିଲା । ମାରଗରେଟ୍ ଏକ ସପ୍ତାହ ପରେ ତାଙ୍କର ୯୧ ତମ ଜନ୍ମଦିନ ପାଳନ କରିବାକୁ ଯାଉଛନ୍ତି । ଉଲ୍ଲେଖ୍ୟଯୋଗ୍ୟଯେ ଆଜିଠାରୁ ବ୍ରିଟେନରେ ସମ୍ମୁହ କରୋନା ଟୀକାକରଣ ଆରମ୍ଭ ହୋଇଛି ।

## ଆକାଶ ପାଠକକୁ ରିମାଣ୍ଡରେ ନେବ କମିଶନରେଟ୍ ପୋଲିସ୍



ଭୁବନେଶ୍ୱର,୦୮।୧୨ (ନି.ପ୍ର): ଟାଟା କମ୍ପାନୀରେ ଚାକିରି କରାଇବା ଆଳରେ ଟଙ୍କା ଆଦାୟ କରିଥିବା ଆକାଶ କୁମାର ପାଠକଙ୍କୁ ରିମାଣ୍ଡରେ ନେବ କମିଶନରେଟ୍ ପୋଲିସ୍ । ଭୁବନେଶ୍ୱର-କଟକ ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ତାଙ୍କ ଦସ୍ତଖତ ନମୁନାକୁ ଯାଂଚ ପାଇଁ ହ୍ୟାଣ୍ଡରାଇଟିଂ ବ୍ୟୁରୋକୁ ପଠାଯିବ । ଆପଏଂଟମେଂଟ ଲେଟରରେ ଥିବା ଆକାଶଙ୍କ ଦସ୍ତଖତକୁ ମେଳକ କରାଯିବ । ଟାଟା ନାଁରେ ଆକାଶ ବାଂଟିଥିବା ନିଯୁକ୍ତିପତ୍ର ସହ ଦସ୍ତଖତ ମେଳକ ହେବ । ପୂର୍ବରୁ ଆକାଶ କମ୍ପାନୀର କର୍ମଚାରୀ ନୁହଁନ୍ତି ବୋଲି ଟାଟା ପକ୍ଷରୁ ସ୍ପଷ୍ଟ କରା ଯାଇଥିଲା । ବର୍ତମାନ ଉଭୟ ଆକାଶ ଓ ତାଙ୍କ ବାପା ଆଇଏଫଏସ୍ ଅଧିକାରୀ ଅଭୟକାନ୍ତ ପାଠକ ଝାରପଡ଼ା ଜେଲରେ ଅଛନ୍ତି । ପୂର୍ବରୁ ଭିଜିଲାନ୍ସ ୩ ଦିନିଆ ରିମାଣ୍ଡରେ ନେଇ ଆକାଶ ପାଠକଙ୍କୁ ଆର୍ଥିକ କାରବାର ଓ ନିଯୁକ୍ତି ନାଁରେ ଠକେଇ ନେଇ ପଚରାଉଚରା କରିଥିଲା । ତେବେ ସ୍କାଏକିଙ୍ଗ ଟ୍ରାଭେଲ୍ ଏଜେନ୍ସିକୁ ୬୩ ଲକ୍ଷ ଟଙ୍କାର ଠକେଇ ନେଇ ଆକାଶଙ୍କ ନାମରେ ହୋଇଥିବା ମାମଲାର ତଦନ୍ତ କରୁଛି କମିଶନରେଟ୍ ପୁଲିସ । ଭୁବନେଶ୍ୱରର ଖାରବେଳ ନଗର ଥାନାରେଏହି ଠକେଇ ମାମଲା ରୁଜୁ ହୋଇଛି ।

## ଭାରତ ବନ୍ଦ ବେଳେ ରାଜଧାନୀରେ ବିଶାଳ ଶୋଭାଯାତ୍ରା

ଭୁବନେଶ୍ୱର,୦୮।୧୨ (ନି.ପ୍ର): କୃଷି ଆଇନ ପ୍ରତ୍ୟାହାର କରିବା ପାଇଁ ଦାବୀ ଚାଲିଥିବା ଚାଷୀ ଆନ୍ଦୋଳନ ଓ ଭାରତ ବନ୍ଦକୁ ଦୃଢ଼ ସମର୍ଥନ କରି ଓଡ଼ିଶାରେ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ସମର୍ଥନ ଜଣାଇଥିଲେ । ଭାରତ ବନ୍ଦ ପରିପ୍ରେକ୍ଷୀରେ ଆଇ.ଏନ୍.ଟି.ୟୁ.ସି., ଏ.ଆଇ.ଟି.ୟୁ.ସି., ଏଚ୍.ଏମ୍.ଏସ୍., ସି.ଆଇ.ଟି.ୟୁ., ଏ.ଆଇ.ସି.ସି.ଟି.ୟୁ, ସେଓ୍ୱା ଓ ସମସ୍ତ କୃଷକ ସଂଗଠନର ମିଳିତ ବିଶାଳ ରାଲି ଦିନ ୧୨ ବେଳେ ରାଜମହଲ ଛକରୁ ବାହାରି ପି.ଏମ.ଜି. ଛକ ପର୍ଯ୍ୟନ୍ତ ଆସିଥିଲେ । ଏହି ଶୋଭାଯାତ୍ରାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପୂର୍ବତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆ, ସାଧାରଣ ସଂପାଦକ କିଶୋର ଜେନା, ଉପସଭାପତି ପ୍ରଶାନ୍ତ ମହାପାତ୍ର, ଶ୍ୟାମସୁନ୍ଦର ମହାପାତ୍ର, କୋଷାଧ୍ୟକ୍ଷ ଧରଣୀଧର ସ୍ୱାଇଁ, ଯୁବ ଆଇ.ଏନ୍.ଟି.ୟୁ.ସିର ସଭାପତି ତଥା ଚାଷୀମୂଲିଆ ସଂଘର ସାଧାରଣ ସଂପାଦକ ସତ୍ୟବ୍ରତ ନାୟକ, ମହିଳା ଶାଖାର ସଭାନେତ୍ରୀ ପ୍ରଣତୀ ମିଶ୍ର, ଯୁଗ୍ମ ସାଧାରଣ ସଂପାଦକ ଅକ୍ଷୟ କୁମାର ତ୍ରିପାଠୀ, ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ତରଫରୁ ଏ.ଆଇ.ୟୁ.ଟି.ୟୁ.ସିର ରାମକୃଷ୍ଣ ପଣ୍ଡା, ଏଚ୍.ଏମ୍.ଏସ୍.ର ବିରେନ୍ଦ୍ର ଦାସ, ସି.ଆଇ.ଟି.ୟୁ.ର ରମେଶ ଜେନା, ଏ.ଆଇ.ୟୁ.ଟି.ୟୁ.ସିର ଜୟସେନ ମେହେର, ପୂର୍ଣ୍ଣଚନ୍ଦ୍ର ବେହେରା ,ଏ.ଆଇ.ସି.ସି.ଟି.ୟୁର ରାଧାକାନ୍ତ ସେଠୀ, ମହେନ୍ଦ୍ର ପରିଡ଼ା ଏବଂ ରାଜ୍ୟସ୍ତରୀୟ ନେତାମାନେ ଯୋଗ ଦେଇଥିଲେ । ସି.ପି.ଆଇ. ରାଜ୍ୟ ସଂପାଦକ ଆଶିଷ୍ କାନୁନ୍‌ଗୋ, ଟି.ୟୁ.ସି.ସି. ଜ୍ୟୋତି ମହାପାତ୍ରଏବଂ ସେଓ୍ୱାର ପରିଲତାଙ୍କ ସହିତ ଚାଷୀ ନେତା ସୁରେଶ ପାଣିଗ୍ରାହି ପ୍ରମୁଖ ଯୋଗ ଦେଇଥିଲେ । ଏହି ରାଲି ସମୟରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସଭାପତି ଡକ୍ଟର ରାମଚନ୍ଦ୍ର ଖୁଂଟିଆ କୋରନା ସ୍ୱାସ୍ଥ୍ୟ ସେବା କାର୍ଯ୍ୟରେନିୟୋଜିତ ଥିବା ସହାୟିକାମାନଙ୍କ ଧାରଣା ସ୍ଥଳରେ ଭେଟି ସେମାନଙ୍କର ଦାବୀ ପ୍ରତି ଦୃଢ଼ ସମର୍ଥନ କରିଥିଲେ । ୩୦ଟି ଜିଲ୍ଲାର ସ୍ୱାସ୍ଥ୍ୟ ସେବାମାନଙ୍କୁ କୌଣସି ଦରମା ନ ଦେଇ ବେଆଇନ ଭାବରେ ତାଙ୍କୁ ଛଟେଇ କରିଛନ୍ତି । ସେମାନଙ୍କୁ ମାସିକ ୮,୦୦୦ଟଙ୍କା ଦରମା ଦେବା ପରିବର୍ତେ ସେମାନଙ୍କୁ ଛଟେଇ କରିଛନ୍ତି । ଯୁବତୀମାନେ ଦିର୍ଘ ୧୦ ଦିନ ହେଲା ବିଧାନ ସଭା ଆଗରେ ଧାରଣା ଦେଇଛନ୍ତି । ତାଙ୍କୁ ପୁନଃନିଯୁକ୍ତି ଦେବା ପାଇଁ ଡକ୍ଟର ଖୁଂଟିଆ ଦାବି କରିଛନ୍ତି । ନ ହେଲେ ଆଗାମୀ ଦିନରେ ଆଇ.ଏନ୍.ଟି.ୟୁ.ସି ତରଫରୁ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି ।

## ରାଜ୍ୟରେ ଆଉ ୬ ଜଣଙ୍କର କରୋନାରେ ମୃତ୍ୟୁ



ଭୁବନେଶ୍ୱର,୦୮।୧୨ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୬ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୭୮୪ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଆଜି ମୃତ୍ୟୁବରଣ କରିଥିବା କରୋନା ଆକ୍ରାନ୍ତଙ୍କ ମଧ୍ୟରେ ପୁରୀ ଜିଲ୍ଲାର ୨ ଜଣ ରହିଥିବା ବେଳେ ଝାରସୁଗୁଡା, ଖୋର୍ଧା, ସମ୍ବଲପୁର ଓ ସୁନ୍ଦରଗଡ ଜିଲ୍ଲାର ଜଣେ ଜଣେ ଅଛନ୍ତି । ଝାରସୁଗୁଡା ଜିଲ୍ଲାରେ ଜଣେ ୩୩ ବର୍ଷୀୟ ମହିଳାଙ୍କ ମୃତ୍ୟୁ ଘଟିଛି । ଖୋର୍ଧା ଜିଲ୍ଲାର ଜଣେ ୫୬ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି। ପୁରୀ ଜିଲ୍ଲାର ଜଣେ ୩୭ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ଡାଇବେଟିସରେ ପୀଡିତ ଥିଲେ। ପୁରୀ ଜିଲ୍ଲାର ଜଣେ ୪୭ ବର୍ଷୀୟ ପୁରୁଷଙ୍କ କରୋନାରେ ମୃତ୍ୟୁ ଘଟିଛି । ସମ୍ବଲପୁର ଜିଲ୍ଲାର ଜଣେ ୫୫ ବର୍ଷୀୟ ପୁରୁଷ କୋରାନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ୩୦ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି ।

## ନିର୍ମାଲ୍ୟ ପରେ ଛପନ ଭୋଗକୁ ନେଇ ସିଂହଦ୍ୱାର ଥାନାରେ ଏତଲା

ପୁରୀ,୦୮।୧୨ (ନି.ପ୍ର): ଶ୍ରୀମନ୍ଦିର ସେବାୟତ ଶମ୍ଭୁନାଥ ଖୁଂଟିଆ ଆଜି ପୂର୍ବାହ୍ନରେ ସିଂହଦ୍ୱାର ଥାନାରେ ଅନ୍ ଲାଇନ୍ ବ୍ୟବସାୟିକ ସଂସ୍ଥା ଫିନୋରେଷ୍ଟ ଡଟ୍ କମ୍ ର ଛପନ ଭୋଗ ବିକ୍ରୀକୁ ନେଇ ଏତଲା କରିଛନ୍ତି । ପୂର୍ବରୁ ସେ ଅନ୍ ଲାଇନ୍ ରେ ନିର୍ମାଲ୍ୟ ବିକ୍ରୀକୁ ନେଇ ଆମାଜନ୍ ବିରୋଧରେ ଏତଲା କରିଥିଲେ । ଏ ସମ୍ପର୍କରେ ମଧ ସିଂହଦ୍ୱାର ଥାନାରେ ଏତଲା ହୋଇଛି ।

## ମାଉଂଟ ଏଭରେଷ୍ଟର ଉଚ୍ଚତା ବୃଦ୍ଧି !



କାଠମାଣ୍ଡୁ ,୦୮।୧୨ (ନି.ପ୍ର): - ନେପାଳ ଓ ଚାଇନା ପକ୍ଷରୁ ମିଳିତ ଭାବେ ସର୍ଭେ କରାଯାଇ ବିଶ୍ୱର ସବୁଠାରୁ ଉଚ୍ଚ ପର୍ବତ ମାଉଂଟ ଏଭରେଷ୍ଟର ପ୍ରକୃତ ଉଚ୍ଚତା ସମ୍ପର୍କରେ ଘୋଷଣା କରାଯାଇଛି । ସେମାନଙ୍କ ଘୋଷଣା ଅନୁଯାୟୀ, ମାଉଂଟ ଏଭରେଷ୍ଟର ଉଚ୍ଚତା ୮,୮୪୮.୮୬ ମିଟର ରହିଛି । ଶେଷଥର ପାଇଁ ଭାରତ ୧୯୫୪ରେ ମାଉଂଟ ଏଭରେଷ୍ଟର ଉଚ୍ଚତା ମାପିଥିଲା । ଏହି ସମୟରେ କୁହାଯାଇଥିଲା ଯେ ଏହାର ଉଚ୍ଚତା ୮,୮୪୮ ମିଟର । ହେଲେ ଏବେ ଭାରତର ତଥ୍ୟ ତୁଳନାରେ ମାଉଂଟ ଏଭରେଷ୍ଟର ଉଚ୍ଚତା ଅଧିକ ୦.୮୬ ମିଟିର ବା ୮୬ ସେମି ଅଧିକ ରହିଛି । ୨୦୧୫ ଭୂକମ୍ପ ଓ ଅନ୍ୟାନ୍ୟ କାରଣରୁ ମାଉଂଟ ଏଭରେଷ୍ଟର ଉଚ୍ଚତା ହ୍ରାସ ପାଇଛି ବୋଲି ସାଧାରଣରେ ଧାରଣା ପ୍ରକାଶ ପାଇଥିଲା । ଏହାକୁ ଦୃଷ୍ଟିରେ ରଖି ନେପାଳ ସରକାର ମାଉଂଟ ଏଭରେଷ୍ଟର ଉଚ୍ଚତା ମାପିବାକୁ ନିଷ୍ପତି ନେଇଥିଲେ । ନେପାଳର ଏହି ମାପଚୁପରେ ଚାଇନା ମଧ ସାମିଲ ହେବ ବୋଲି ଘୋଷଣା କରିଥିଲା । ଉଭୟ ଦେଶ ନିକଟରେ ମାଉଂଟ ଏଭରେଷ୍ଟର ଉଚ୍ଚତା ମାପିଥିଲେ । ନେପାଳର ବୈଦେଶିକ ମନ୍ତ୍ରୀ ପ୍ରଦୀପ ଗୟାୱାଲି କହିଛନ୍ତି, ନେପାଳ ପକ୍ଷରୁ ମାଉଂଟ ଏଭରେଷ୍ଟର ପୁନଃ ମାପ କରାଯାଇଥିଲା । ଏବେ ବିଶ୍ୱର ସବୁଠାରୁ ଉଚ୍ଚ ପର୍ବତର ଉଚ୍ଚତା ୮,୮୪୮.୮୬ ମିଟର ରହିଛି । ୧୯୫୪ରେ ସର୍ଭେ ଅଫ ଇଣ୍ଡିଆ ଏଭରେଷ୍ଟକୁ ମାପିଥିଲା ।

## ବାଲେଶ୍ୱରରେ ଶାନ୍ତିଶୃଙ୍ଖଳାର ସହ ଭାରତ ବନ୍ଦ ପାଳନ



ବାଲେଶ୍ୱର,୦୮।୧୨ (ନି.ପ୍ର): କେନ୍ଦ୍ର ସରକାରଙ୍କ କୃଷି ଆଇନ୍ ବିରୋଧରେ ତଥା ପଞ୍ଜାବ କୃଷକଙ୍କ ଆହ୍ୱାନ କ୍ରମେ ସମଗ୍ର ଦେଶରେ ସୋମବାର ଦିନ ୪ ଘଣ୍ଟିଆ ପ୍ରତୀକ ଧର୍ମଘଟ ବା ଭାରତବନ୍ଦ ପାଳିତ ହୋଇଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ ପ୍ରତିଫଳନ ଲକ୍ଷ୍ୟ କରାଯାଇଛି । ପୂର୍ବାହ୍ନ ପ୍ରାୟ ୧୦ଟାରୁ ଏହି ଧର୍ମଘଟ ଆରମ୍ଭ ହୋଇ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ଚାଲିଥିଲା । ବାଲେଶ୍ୱରରେ ସେମିତି ଦୃଢ଼ କୃଷକ ସଂଗଠନ ନଥିଲେ ବି ଏହି ଆନ୍ଦୋଳନକୁ ସମର୍ଥନ କରି ବାମପନ୍ଥୀ ଓ କଂଗ୍ରେସ ଦଳର କର୍ମୀଙ୍କ ସମେତ ବିଭିନ୍ନ ସଂଗଠନ ପକ୍ଷରୁ ଧର୍ମଘଟକୁ ସଫଳତାମୁଖୀ କରାଯାଇଥିଲା । ତେବେ ଧର୍ମଘଟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରଥମାଷ୍ଟମୀ ପାଇଁ ଛୁଟି ଘୋଷଣା କରିବା ଫଳରେ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିବା ଲକ୍ଷ୍ୟ କରାଯାଇଥିଲା । ତେବେ ବିଭିନ୍ନ ସଂଗଠନର କର୍ମକର୍ତା ଓ ସଦସ୍ୟଙ୍କ ସମେତ ବାମପନ୍ଥୀ ତଥା କଂଗ୍ରେସ ଦଳର ନେତା ଏବଂ କର୍ମୀ ସକାଳ ପ୍ରାୟ ୮ଟାରୁ ସହର ମଧ୍ୟରେ ଦଳ ଦଳ ହୋଇ ବିଭିନ୍ନ ବଜାର ବନ୍ଦ କରିଥିଲେ । ଯେଉଁଠି କାଁଭାଁ ଦୋକାନ ଖୋଲା ଯାଇଥିଲା ତାହାକୁ ଆନ୍ଦୋଳନ କାରୀମାନେ ପିକେଟିଂ କରି ବନ୍ଦ କରାଉଥିଲେ । ଏହି ବନ୍ଦ ବେଳେ ସହରର ନୂଆବଜାର ମାଛ ମାର୍କେଟରେ ଦୋକାନୀ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ବଚସା ହେବା ସହ ସାମାନ୍ୟ ଉତ୍ତେଜନା ଦେଖା ଦେଇଥିଲେ । ଖବର ପାଇ ପୁଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା । ଅନ୍ୟପକ୍ଷରେ କୋର୍ଟ କଚେରୀ ବନ୍ଦ ରହିଥିଲେ ବି ବିଭିନ୍ନ ବ୍ୟାଙ୍କ କାର୍ଯ୍ୟାଳୟ ଖୋଲିବାକୁ ଉଦ୍ୟମ କରୁଥିବା ବେଳେ ଚେଷ୍ଟା ଆନ୍ଦୋଳନକାରୀ ପହଞ୍ଚି ବିକ୍ଷୋଭ ଓ ପିକେଟିଂ କରିଥିଲେ । ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ପ୍ରତିବାଦ ଓ ବିକ୍ଷୋଭ କାର୍ଯ୍ୟକ୍ରମରେ କଂଗ୍ରେସ ଏବଂ ବାମପନ୍ଥୀ ନେତା ଯୋଗଦେଇ କେନ୍ଦ୍ର ସରକାରଙ୍କ କୃଷକ ମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ ।

▶▶ପୃଷ୍ଠା ୭

## ଭୁବନେଶ୍ୱରରେ ୨୪ ଘଂଟାରେ ୨୭ ଆକ୍ରାନ୍ତ , ୪୫ ସୁସ୍ଥ

ଭୁବନେଶ୍ୱର,୦୮।୧୨ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ମଙ୍ଗଳବାର ଦିନ ଆଉ ୨୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରେ ୯ ଜଣ ସଂଗରୋଧ ଓ ୧୮ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି । ଅନ୍ୟପକ୍ଷରେ ୪୫ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରୁ ଆଜି ପର୍ଯ୍ୟନ୍ତ ୩୦,୯୮୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୩୦,୪୦୪ ଜଣ ସୁସ୍ଥ ହୋଇସାରିଛନ୍ତି । ଏବେ ୩୪୯ ଜଣ ଆକ୍ରାନ୍ତ ସକ୍ରିୟ ଥିବା ବେଳେ ୨୨୫ ଜଣଙ୍କର ମୃତ୍ୟୁ ହୋଇଛି । ଆଜି ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ବରମୁଣ୍ଡାରୁ ସର୍ବାଧିକ ୫ଜଣ, ଓଲ୍ଡ ଟାଉନ୍‌ରୁ ୪ ଜଣ , ପଟିଆ, ରସଲଗଡ, ମଂଚେଶ୍ୱର ଓ ନାଗେଶ୍ୱରଟାଙ୍ଗୀରୁ ୨ ଜଣ ଲେଖାଏଁ ରହିଛନ୍ତି ।

# ଚୀନ୍ ସହରରେ ବୁଲୁଛି ସ୍ନାକ୍ସ ଗାଡ଼ି !



କରୋନା ଭାଇରସ୍ ବ୍ୟାବସାୟିକ ଗତିବିଧିର ରୂପରେଖ ସମ୍ପୂର୍ଣ୍ଣ ଭାବେ ପରିବର୍ତ୍ତନ କରିଦେଇଛି । ଦୋକାନ, ବଜାରକୁ ଗଲେ ଆଜିକାଲି ପ୍ରବେଶ ଦ୍ୱାରରେ ସାନିଟାଇଜର୍‌ଟିଏ ଥୁଆ ହୋଇଥିବ । ହାତରେ ଲଗାଇବା ପରେ ଭିତରକୁ ପ୍ରବେଶରେ ମୁହଁରେ ମାସ୍କ ନଥିଲେ ଏବେ ଜୋରିମାନା । ପ୍ରତି ଦୋକାନ ସମ୍ମୁଖରେ ଲେଖାହୋଇଛି 'ମାସ୍କ ପିନ୍ଧି ପ୍ରବେଶ କରନ୍ତୁ' । ଖାଦ୍ୟ ହୋମ୍ ଡେଲିଭରୀର ଚାହିଦା ଇତିମଧ୍ୟରେ ବଢ଼ିଛି । କାରଣ ଲୋକେ ରେସ୍ତୋରାଁ ଯାଇ ଭାଇରସ୍ ଭୟରେ ଆତଙ୍କିତ ହେବାକୁ ଚାହୁଁନାହାନ୍ତି । ମହାମାରୀର ପ୍ରକୋପ ଦେଖିବା ସହ ଅଙ୍ଗେନିଭାଇବା ପରେ ଚୀନ୍ ରାଷ୍ଟ୍ର ଏବେ ପୂର୍ବାପେକ୍ଷା ଅଧିକ ସତର୍କ ହୋଇଛି । ଲୋକଙ୍କୁ ହୋମ୍ ଡେଲିଭରୀ ସହ ସ୍ନାକ୍ସ ଗାଡ଼ି ଜରିଆରେ ଖାଦ୍ୟ ବିକ୍ରି କରୁଛି ଏହି ରାଷ୍ଟ୍ର । ପ୍ରଥମେ ସାଂଘାଇରେ 'ସ୍ନାକ୍ସ ଗାଡ଼ି' ବ୍ୟବସ୍ଥା ଆରମ୍ଭ ହୋଇଥିବା ବେଳେ ସେଠା ଲୋକ ଏଇ ନୂଆ ପ୍ରଣାଳୀକୁ ସ୍ୱାଗତ କରିଛନ୍ତି । ସହରର ପ୍ରମୁଖ ଛକ, ଆପାର୍ଟମେଣ୍ଟ ପାଖରେ ଏସବୁ ସ୍ନାକ୍ସ ଗାଡ଼ି ବୁଲୁଥିବାବେଳେ ଆପଣଙ୍କ ମୋବାଇଲକୁ ମଧ୍ୟ ଗାଡ଼ି ଘର ପାଖରେ ଥିବାର ନୋଟିଫିକେସନ୍ ଯିବ । ଅନ୍-ଲାଇନ୍ ପେମେଣ୍ଟ ଜରିଆରେ ଏହି ଗାଡ଼ିରୁ ଆପଣ ନିଜ ମନମୁତାବକ ସ୍ନାକ୍ସ ନେଇପାରିବେ । ବ୍ୟାଟେରି ଓ ରୋବଟ୍ ଚାଳିତ ଏହି ସ୍ନାକ୍ସ ଗାଡ଼ିକୁ ନିଜ ଫୋନ୍‌ର ଆପ୍ଲିକେସନ୍ ଜରିଆରେ ଘର ପାଖକୁ ଡକାଇବାର ବ୍ୟବସ୍ଥା ଅଛି । ଗାଡ଼ିକୁ ସ୍ପର୍ଶ ନ କରି ମଧ୍ୟ ଜଣେ ନିଜ ପ୍ରିୟ ସ୍ନାକ୍ସ ଏଠାରୁ କିଣିପାରିବ । ରେସ୍ତୋରାଁ କିମ୍ବା ବେକାରୀ ଦୋକାନକୁ ଯାଇ ଭିଡ଼ କରିବା ପରିବର୍ତ୍ତେ ଏହି ଭ୍ରମଣ ସ୍ନାକ୍ସ ଗାଡ଼ି ସହାୟତାରେ ଲୋକେ ଜଳଖିଆ କିଣୁଛନ୍ତି । ମହାମାରୀ ସମୟରେ ଏହା ଏକ ଭଲ ସୁବିଧା ବୋଲି ସ୍ଥାନୀୟ ଲୋକଙ୍କ ମତ ।



# ଚଟାଣ ସଫା ଦେଖାଯିବ

**ଘରର ଚଟାଣ ଯଦି ରଙ୍ଗହୀନ କିମ୍ବା ଅପରିଷ୍କାର ଦେଖାଯାଏ, ତେବେ ଯେତେ ସୁନ୍ଦର ଘର କରିଥିଲେ ବି କିଛି ଲାଭ ରହେନି । ଅପରିଷ୍କାର ଚଟାଣ ବିଭିନ୍ନ ରୋଗର କାରଣ ହୋଇଥାଏ । ସାମାନ୍ୟ ଚେଷ୍ଟାରେ ଚଟାଣକୁ ସଫା ରଖାଯାଇପାରିବ ।**



- କଳା ଏବଂ ଲାଲ ରଙ୍ଗର ଟାଇଲ ଶୀଘ୍ର ମଇଳା ହୋଇଯାଏ । ବାଲଟିଏ ପାଣିରେ ୧କପ୍ ସିରକା ମିଶାଇ ପୋଛିଲେ ଏହା ତୁରନ୍ତ ସଫା ହୋଇଯିବ ।
- ତରବରିଆ ଭାବେ ଘର ପୋଛି ସଫା କରିବାକୁ ଚାହୁଁଥିଲେ କେତୋଟି ଲେମ୍ବୁ କାଟି ଏହାର ରସ ଏକ ବାଲଟି ପାଣିରେ ମିଶାଇ ଦେବେ । ଏଥିରେ ପୋଛିଲେ ଚଟାଣରେ ଥିବା ଦାଗ ତୁରନ୍ତ ସଫା ହୋଇଥାଏ ।
- ପୋଷାକ ସଫା କରିବା ସମୟରେ ବ୍ୟବହାର କରୁଥିବା ଫାବ୍ରିକ୍ ସଫ୍ଟନରକୁ ବି ଚଟାଣ ସଫା କାମରେ ଲଗାଇହେବ । ତେବେ ଭଲ ଭାବେ ନ ପୋଛିଲେ ଏହାର ଦାଗ ଚଟାଣକୁ ଅଧିକ ଅପରିଷ୍କାର କରିଦେଇପାରେ ।
- ବାଲଟିଏ ପାଣିରେ ୧କପ୍ ଆମୋନିଆ ଅତି ଉତ୍କଟ ଗନ୍ଧଯୁକ୍ତ ଥିବାରୁ ସଫା କରିବା ସମୟରେ ଘରର କବାଟ ଝରକା ଖୋଲା ରଖନ୍ତୁ । ଏହାଦ୍ୱାରା ଦୁର୍ଗନ୍ଧ ପଳାଇବ ।
- ଚଟାଣ ଘୋଡ଼ାଇବା ଲାଗି ଆଜିକାଲି ବିଶେଷ ପ୍ରକାରର ପ୍ଲାଷ୍ଟିକ ମ୍ୟାଟ୍ ମିଳୁଛି । ଏଥିରେ ପୂରା ଚଟାଣ ଘୋଡ଼ାଇହେବ । ସଫା କରିବାକୁ ମଧ୍ୟ ସହଜ ।
- ବାଲଟିଏ ପାଣିରେ ୧ଚାମଚ ଇଥାନଲ ମିଶାଇ ଚଟାଣ ପୋଛିପାରିବେ ।



# ବାଇକ୍‌ରେ କାର୍ ଇଂଜିନ୍ !

ବାଇକ୍‌ରେ କାର୍ ଇଂଜିନ୍ ଲଗାଇବା ଏବଂ ତାହାକୁ ଚଳାଇବା କିଛି ଅସଂଭବ ନୁହେଁ । ଜର୍ଜିଆର ଅଟୋ-ଡିଜାଇନର୍ ଚକ୍ ବେକ, ଏକ ପୁରୁଣା କାର୍ ଇଂଜିନକୁ ଏକ ମୋଟର୍ ବାଇକ୍‌ରେ ଖଞ୍ଜିଛନ୍ତି । ଜଣେ ବନ୍ଧୁଙ୍କର କାର୍ ଅଗ୍ନିକାଣ୍ଡରେ ଜଳିଯାଇଥିଲା । ଦୈବାତ୍ କେବଳ ଇଂଜିନ୍‌ଟି ବର୍ତ୍ତିଯାଇଥିଲା । ବନ୍ଧୁଙ୍କଠାରୁ ସେଇଟି ହାସଲ କରିଥିଲେ ବେକ୍ । ପରିଶ୍ରମ କରି, ଦିନ କେଇଟା ମଧ୍ୟରେ ଏକ ମୋଟର୍ ବାଇକ୍‌ର ଫ୍ରେମ୍‌ରେ କାର୍ ଇଂଜିନ୍‌ଟିକୁ ଖଞ୍ଜିପାରିଥିଲେ । ଏହାକୁ ରାସ୍ତାରେ ଚଳାଇବା ଏତେ ସହଜ ନୁହେଁ । କେବଳ ସିଧା ରାସ୍ତାରେ ଏହାକୁ ଚଳାଯାଇପାରେ । ପ୍ରଶସ୍ତ ସ୍ଥାନ ନ ଥିଲେ ମୋଡିବା ବିପଜ୍ଜନକ ହୋଇପାରେ ।



# ମହୁ ସୁସ୍ୱାସ୍ଥ୍ୟ ପାଇଁ ବରଦାନ

**ପ୍ରାଚୀନ ସମୟରୁ ଭାରତରେ ମହୁର ଉପଯୋଗ ହୋଇଆସୁଛି । ଶହଶହ ବର୍ଷ ତଳେ ବଇଦମାନେ ବିଭିନ୍ନ ରୋଗର ଉପଶମ ନିମନ୍ତେ ମହୁକୁ ଔଷଧ ଭାବେ ବ୍ୟବହାର କରୁଥିବାବେଳେ ଆୟୁର୍ବେଦରେ ମହୁକୁ 'ମହୌଷଧି'ର ନାମ ଦିଆଯାଇଛି । କୁନି ଛୁଆ ଠାରୁ ବୟସ୍କ ସମସ୍ତେ ଅଳ୍ପ ପରିମାଣର ମହୁ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ । ମହୁ କିଣିବା ସମୟରେ ଏହାର ଶୁଦ୍ଧତାକୁ ଗୁରୁତ୍ୱ ଦେବା ଜରୁରୀ ।**



- ନିୟମିତ ଚା' ପିଇବାରେ ଅଭ୍ୟସ୍ତ ଲୋକେ ଚିନି ପରିବର୍ତ୍ତେ ମହୁକୁ ବ୍ୟବହାର କରନ୍ତୁ । ଶରୀର ପାଇଁ ମହୁ ହିତକାରୀ ହେବା ସହ ଆପଣଙ୍କ ଓଜନ ମଧ୍ୟ ନିୟନ୍ତ୍ରଣରେ ରହିବ ।
- ନିଦ୍ରାହୀନତା ସମସ୍ୟା ଥିଲେ, ମହୁ ପ୍ରତିଦିନ ସକାଳ ବେଳା ଖାଲିପେଟରେ ଅଧଚାମଚ ଖାଇବା ଭଲ । ମହୁରେ ଥିବା ପୋଷକତତ୍ତ୍ୱ ଆମ ଦୂର କରିବା ସହ ଭଲ ନିଦ ହେବାରେ ସାହାଯ୍ୟ କରେ ।
- କୋଭିଡ-୧୯ ସମୟରେ ସମସ୍ତେ ନିଜର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ନିମନ୍ତେ ଖାଦ୍ୟପାନୀୟକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଏଥିପାଇଁ ଶୁଦ୍ଧ ମହୁ ୧ ଚାମଚ ପ୍ରତିଦିନ ଖାଇବାର ଅଭ୍ୟାସ କରିବା ଉଚିତ ।
- ଆଣ୍ଟିଅକ୍ସିଡାଣ୍ଟ ଭରପୂର ମହୁ ଖାଇବା ଆମ ତ୍ୱଚା ଓ କେଶକୁ ଆବଶ୍ୟକ ପରିମାଣରେ ପୋଷକତତ୍ତ୍ୱ ଯୋଗାଉଥିବାର ବିଶେଷଜ୍ଞଙ୍କ ମତ । ଏପରିକି ଘରୋଇ ପ୍ୟାକ୍‌ରେ ମହୁର ଉପଯୋଗ କରି ଲଗାଇପାରିବେ ।
- ଶରୀରର କୋଲେଷ୍ଟରଲ୍ ସ୍ତରକୁ କମ୍ କରିବା ସହ ଥଣ୍ଡା, ସର୍ଦ୍ଦିରୁ ମଧ୍ୟ ରକ୍ଷା କରେ । ସକାଳବେଳା ଖାଲିପେଟରେ ୧ ଗିଲାସ ପାଣିରେ ମହୁ ୧ ଚାମଚ ମିଶାଇ ପିଇଲେ ଓଜନ ନିୟନ୍ତ୍ରଣରେ ରହେ ।
- ହୃଦ୍‌ରୋଗରୁ ରକ୍ଷା ପାଇବାକୁ ଚାହୁଁଥିଲେ ମହୁ ପ୍ରତିଦିନ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ । ପେଟ ସମସ୍ୟା, ଖାଦ୍ୟ ହଜମ ନ ହେବା, ଅମ୍ଳ ହେବା ଇତ୍ୟାଦି ରୋଗ ଥିଲେ ମହୁ ଖାଇଲେ ଉପକାର ମିଳେ ।

# ଓଜନ କମ କରିବାର ଉପାୟ

**ସୁସ୍ଥ ଶରୀର ନିମନ୍ତେ ସଠିକ୍ ଓଜନ ରହିବା ନିତାନ୍ତ ଜରୁରୀ । ଓଜନକୁ ନିୟନ୍ତ୍ରଣରେ ରଖିବା ପାଇଁ କିଛି ଘରୋଇ ଉପଚାର:-**

ଅଧିକାଂଶ ଭାରତୀୟ ଖାଦ୍ୟରେ ଧନିଆ ପତ୍ର ବ୍ୟବହୃତ ହୁଏ । ଏହି ପତ୍ରକୁ ବାଟି ଏକ ଗିଲାସ ଉଷୁମ ପାଣିରେ ମିଶାଇ ପିଅନ୍ତୁ। ୩ଦିନ ପିଇବା ପରେ ଜଣେ ବ୍ୟକ୍ତି ଫରକ୍ ଜାଣିପାରିବ । ୧ମାସ ପିଇଲେ ଜଣେ ବ୍ୟକ୍ତିର ଓଜନ କମ ହୁଏ ।



ସକାଳୁ ତୁଳସୀ ପତ୍ର ଚା ନଚେତ ୫ରୁ ୧୦ଟି ତୁଳସୀ ପତ୍ରକୁ ଚୋବାଇ ଖାଆନ୍ତୁ । ନିୟମିତ ଏହାକୁ ଖାଇଲେ ଓଜନ ନିୟନ୍ତ୍ରଣାଧୀନ ହୋଇଥାଏ । ନଚେତ ତୁଳସୀପତ୍ର ଫୁଟାପାଣି ଦିନକୁ ୪ରୁ୫ ଗିଲାସ ପିଅନ୍ତୁ ।

ଓଜନ କମ ନିମନ୍ତେ ପୋଦିନା ପତ୍ର ମଧ୍ୟ ବେଶ୍ ସହାୟକ । କାକୁଡ଼ି ରସ ସହ ପୋଦିନା ରସ ମିଶାଇ ପିଇଲେ ଓଜନ ନିୟନ୍ତ୍ରିତ ହୁଏ ।

ଭୃଙ୍ଗସୁଙ୍ଗ ପତ୍ରକୁ ଛେଚି ଏହାକୁ ଚୋବାଇ ଖାଇଲେ ମଧ୍ୟ ଉପକାର ମିଳେ । ନଚେତ ଏହାକୁ ମଧ୍ୟ ପାଣିରେ ଫୁଟାଇ ପିଇହେବ ।

ଲେମ୍ବୁ ପାଣି ମୋଟା ଲୋକଙ୍କ ପାଇଁ ସବୁଠୁ ଉତ୍ତମ ପାନୀୟ । ଏହା ଶରୀର ପାଇଁ ଭଲ ହେବା ସହ ଓଜନକୁ ଶୀଘ୍ର କମାଏ । ଲେମ୍ବୁ, ରସକୁ ଉଷୁମ ପାଣିରେ ମିଶାଇ ପିଇଲେ ତାହା ତୁରନ୍ତ କାର୍ଯ୍ୟକାରୀ ହୋଇଥାଏ ।

# ନଖର ଯତ୍ନ

**ଶୀତଦିନେ ଯୁବତୀମାନେ ହାତ ଓ ପାଦ ପ୍ରତି ଅଧିକ ଯତ୍ନଶୀଳ ହୁଅନ୍ତି । କେବଳ ହାତ, ପାଦ ନୁହେଁ, ବରଂ ନଖ ପ୍ରତି ମଧ୍ୟ ଦୃଷ୍ଟି ଦିଅନ୍ତୁ । କାରଣ ଆମ ଅବହେଳା କାରଣରୁ ନଖ ଶୀଘ୍ର ଭାଙ୍ଗିଯାଏ । ସବୁଠୁ ମୁଖ୍ୟ କଥା ହେଲା ନିଜ ଖାଦ୍ୟପାନୀୟକୁ ଠିକ୍ ରଖିଲେ ନଖକୁ ମଧ୍ୟ ଭଲଭାବେ ପୋଷକତତ୍ତ୍ୱ ମିଳେ ।**

- ନିୟମିତ ଭାବେ ନେଲପଲିସ୍ ଲଗାଉଥିଲେ, ଅନ୍ତତଃ ୨-୩ ଦିନ ନଖକୁ ମଧ୍ୟ ବିଶ୍ରାମ ଦିଅନ୍ତୁ । ନଚେତ୍ ନଖର ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟ କମ୍ ହୋଇଥାଏ ।
- ନଖରୁ ନେଲପଲିସ୍ ଛଡ଼ାଇବା ପୂର୍ବରୁ ଉଷୁମ ପାଣିରେ ହାତକୁ କିଛିସମୟ ରଖି ପରେ ରିମୁଭର୍ କଟନ୍ ଉପଯୋଗ କରିବେ । ପ୍ରତିଦିନ ସ୍ନାନ ସମୟରେ ଅଳ୍ପ ନଡ଼ିଆତେଲ କିମ୍ବା ସୋରିଷ ତେଲ ତୁଳାରେ ନେଇ ନଖ ଉପରେ ଲଗାଇବେ ।
- ରସୁଣକୁ ଛେଚି ଏହାର ରସକୁ ନଖରେ ଲଗାଇ ୫ ମିନିଟ୍ ପରେ ପୋଛିବେ । ଶକ୍ତ ନଖ ପାଇଁ ଏହି ଉପାୟକୁ ସପ୍ତାହରେ ୨-୩ ଦିନ କରିବା ଉଚିତ ।
- ଭଲ କମ୍ପାନୀର ନେଲ୍‌ପଲିସ୍ ଲଗାଇବା ଉଚିତ । ନଚେତ୍ ଏଥିରେ ଥିବା ରାସାୟନିକ ତତ୍ତ୍ୱ ନଖକୁ ଦୁର୍ବଳ କରେ ।



# ବିଭିନ୍ନ ଡିଜାଇନର୍ ଚୁଡ଼ି

**ଭାରତୀୟ ବେଶପୋଷାକରେ ଚୁଡ଼ି ପିନ୍ଧିଲେ ତାହା ମହିଳା ଓ ଯୁବତୀଙ୍କ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ । ବଜାର ସହ ଅନ ଲାଇନ ସାଇଟରେ ମଧ୍ୟ ଆପଣ ଭଳିକିଭଳି ଚୁଡ଼ିକୁ ସୁଲଭ ମୂଲ୍ୟରେ ପାଇବେ । ଏବେ ଅଧିକ ବିକ୍ରି ହେଉଥିବା ଚୁଡ଼ି ମଧ୍ୟରୁ**





- **ରେଶମୀ କଙ୍ଗନ:-** ବିଭିନ୍ନ ପ୍ରକାର ସୂତାରେ ତିଆରି ହୋଇଥିବା ଚୁଡ଼ି ଦେଖିବାକୁ ଖୁବ ସୁନ୍ଦର ଲାଗିଥାଏ । ବିଶେଷ କରି ସାଲୱାର କମିଜରେ ଏଇ ଚୁଡ଼ି ଭଲ ଲାଗେ ବୋଲି ଡିଜାଇନରଙ୍କ ମତ । ରେଶମୀ କଙ୍ଗନକୁ ଲେହେଙ୍ଗା ସହ ମଧ୍ୟ ପିନ୍ଧିପାରିବେ । ଏହାର ମୂଲ୍ୟ ୨୦୦ରୁ ୫୦୦ ଟଙ୍କା ମଧ୍ୟରେ ରହିଥାଏ ।
- **ଫ୍ଲୋରାଲ କଙ୍ଗନ:-** ଅଧିକ କାରୁକାର୍ଯ୍ୟ ହୋଇଥିବା ସାଲୱାର କମିଜ ଓ ଶାଢ଼ିରେ ଏଇ ଫ୍ଲୋରାଲ ଚୁଡ଼ି ସୁନ୍ଦର ଦିଶେ । ଚୁଡ଼ା ଆକାରର ଏହି ଚୁଡ଼ିର ମୂଲ୍ୟ ୧୦୦୦ରୁ ୫୦୦୦ ପର୍ଯ୍ୟନ୍ତ ଥାଏ ।
- **କୁନ୍ଦନ କଙ୍ଗନ:-** ବିଶେଷ ଉତ୍ସବରେ ହିଁ ମହିଳାମାନେ ଏହି କୁନ୍ଦନ କଙ୍ଗନ ପିନ୍ଧିବାକୁ ପସନ୍ଦ କରନ୍ତି । ଓଜନିଆ ହେବା ସହ ଏହାର କୁନ୍ଦନ କାମ ହିଁ ଅଧିକ ଆକର୍ଷଣୀୟ ଲାଗିଥାଏ ।
- **ଲାଖ ଚୁଡ଼ି:-** ରାଜସ୍ଥାନ ଓ ମଧ୍ୟପ୍ରଦେଶର ଏଇ ଲୋକପ୍ରିୟ ଚୁଡ଼ିର ଆଦର ଭାରତର ପ୍ରତ୍ୟେକ ପ୍ରାନ୍ତରେ ରହିଛି । ପତଳା, ଚଉଡ଼ା ସବୁ ଆକାରର ଲାଖ ଚୁଡ଼ି ଆପଣ ଶାଢ଼ି କିମ୍ବା ଅନ୍ୟ ଭାରତୀୟ ପୋଷାକ ସହ ପିନ୍ଧିଲେ ଖୁବ୍ ଭଲ ଲାଗେ ।





# ପିଲାଙ୍କ ତରଳଝାଡ଼ାର ସଞ୍ଜୀବନୀ

ପିଲାଙ୍କର ତଳ ଝାଡ଼ା ହେବା ଏକ ସାଧାରଣ ରୋଗ । ୫ବର୍ଷ ବୟସ ମଧ୍ୟରେ ଅଧିକାଂଶ ଶିଶୁ ଏଥିରେ ଆକ୍ରାନ୍ତ ହୁଅନ୍ତି । ଏହା ପ୍ରାୟତଃ ଭୂତାଣୁଜନିତ ହୋଇଥିବାରୁ ୫/୭ ଦିନରେ ଭଲ ହୋଇଯାଏ । କେତେକ କ୍ଷେତ୍ରରେ ବେଶୀ ଝାଡ଼ା ହୋଇ ଜଳ ଓ ଲବଣ ଶୁଷ୍କତା ଦେଖାଯାଏ ଏବଂ ସ୍ଥଳ ବିଶେଷରେ ଶିଶୁର ଅବସ୍ଥା ସାଂଘାତିକ ହୋଇ ଉପଯୁକ୍ତ ପ୍ରତିକାର ଅଭାବରୁ ମୃତ୍ୟୁବରଣ କରେ । ଏହାର ଏକମାତ୍ର ମୁଖ୍ୟ ଚିକିତ୍ସା ଓଆରଏସ ଦ୍ରବଣ । ଅତ୍ୟଧିକ ଜଳଶୁଷ୍କତାରେ ସାଲାଇନ ଦରକାର ହୁଏ । ତେବେ ଓଆରଏସ ଦ୍ରବଣର ଉପଯୁକ୍ତ ବ୍ୟବହାର ଶିଶୁମୃତ୍ୟୁକୁ ଅର୍ଦ୍ଧାଧିକ କମାଇ ପାରିଥିବାରୁ ଏହାକୁ ଚିକିତ୍ସା ବିଜ୍ଞାନର ଏହି ସହସ୍ରାବ୍ଦର ସର୍ବୋତ୍କୃଷ୍ଟ ଆବିଷ୍କାର ବୋଲି କୁହାଯାଇଛି । ଏହା ସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଗଣାରେ ଉପଲବ୍ଧ ଏବଂ ଅତି କମ ଦାମରେ ସବୁ ଔଷଧ ଦୋକାନରେ ମିଳୁଛି ।




# ସ୍ମାର୍ଟଫୋନର ବ୍ୟବହାର

- ନିକଟରେ ଗବେଷକମାନେ ମତ ପ୍ରକାଶ କରିଛନ୍ତି ଯେ, ଦୈନିକ ସ୍ମାର୍ଟଫୋନକୁ ଅତିକମରେ ୩୦ମିନିଟ୍ ବନ୍ଦ କରିବା ଆବଶ୍ୟକ ।
- ସ୍ମାର୍ଟଫୋନ କିଛି ସମୟ ବନ୍ଦ ରଖିବା ଦ୍ୱାରା ମସ୍ତିଷ୍କ ଶାନ୍ତ ରହେ । କେବଳ ଶୋଇବା ସମୟ ବ୍ୟତୀତ ଅନ୍ୟ ସମସ୍ତ ସମୟ ପ୍ରତି ୫-୧୦ ମିନିଟରେ ଥରେ ଆମେ ଏହି ଫୋନର ବ୍ୟବହାର କରିଥାଉ ।
- ସ୍ମାର୍ଟ ଫୋନ ଅଧିକ ଗରମ ହୋଇଗଲେ, କିଛି ସମୟ ପାଇଁ ବନ୍ଦକରିବା ଜରୁରୀ । କଥା ହେଉଥିଲେ ଫୋନକୁ ତୁରନ୍ତ ସୁଇଚ ବନ୍ଦ କରିବେ । ଲଗାତାର ବ୍ୟବହାର କରିବା ଦ୍ୱାରା ସ୍ମାର୍ଟଫୋନ ଗରମ ହୋଇଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସ୍କୁଲ ଫି ଚିନ୍ତା...

କୋଭିଡ ମହାମାରୀ ଜନିତ ଲକ୍‌ଡାଉନ ଯୋଗୁଁ ବର୍ତ୍ତମାନ ସୁଦ୍ଧା ସ୍କୁଲ ବନ୍ଦ ରହିଛି। କରୋନା ସଂକ୍ରମଣ ହାର କମିଥିଲେ ମଧ୍ୟ ସ୍କୁଲ ପାଠପଢ଼ା ସ୍ୱାଭାବିକ କରିବା ପାଇଁ ସରକାରଙ୍କର ଭରସା ପାଉନାହିଁ। ତେଣୁ ସ୍କୁଲ କେବେ ଖୋଲିବ, ପାଠପଢ଼ା କେବେ ଆରମ୍ଭ ହେବ, ଯଦିବା ଆସନ୍ତା ବର୍ଷ ପୂର୍ବରୁ ସ୍କୁଲ ଖୋଲେ ତେବେ ବାକି ସମୟରେ ପାଠ୍ୟ ଖସଡ଼ା ସମାପ୍ତ ହେବ କିପରି, ନା ପୁଣି ଥରେ ବିଷୟ ହ୍ରାସ କରାଯିବ, ପରୀକ୍ଷା ପ୍ରଶ୍ନ କେମିତି ଆସିବ, ଜାତୀୟସ୍ତରର ପରୀକ୍ଷାକୁ ତାହା ପ୍ରଭାବିତ କରିବ କି ନାହିଁ ତାହାକୁ ନେଇ ଅଭିଭାବକମାନେ ଚିନ୍ତାରେ ଥିବାବେଳେ ଏବେ ସ୍କୁଲ ଫି' ଚିନ୍ତା ତା'ଠାରୁ ବଳି ଯାଇଛି। କୋଭିଡ୍ ୧୯ ମହାମାରୀ ସଂକ୍ରମଣ ଆଶଙ୍କା ଏବଂ ତଦ୍‌ଜନିତ ଲକ୍‌ଡାଉନ ଯୋଗୁଁ ଅନେକ ପରିବାରର ରୋଜଗାର ବା ପାରିବାରିକ ଆୟ ଗୁରୁତର ବାଧାପ୍ରାପ୍ତ ହୋଇଛି। ତେଣୁ ବର୍ଷକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଘରୋଇ ସ୍କୁଲରେ ପିଲାମାନଙ୍କୁ ପଢ଼ାଉଥିବା ଅଭିଭାବକମାନେ ସ୍କୁଲ ଫି' ଦେବାକୁ ଅକ୍ଷମ ହେବା ସ୍ୱାଭାବିକ। ଗତ ଛଅ ମାସରୁ ଉର୍ଦ୍ଧ୍ୱ ସମୟ ଧରି ସ୍କୁଲ ପାଠପଢ଼ା ବନ୍ଦ ଥିବାରୁ ଫି' ଦେୟର ଯଥାର୍ଥତା ଓ ଯୌକ୍ତିକତା ନେଇ ମଧ୍ୟ ଅନେକ ଥର ପ୍ରଶ୍ନ ଉଠିଛି। ଅପରପକ୍ଷରେ ଘରୋଇ ବିଦ୍ୟାଳୟମାନଙ୍କର ଏ ସମ୍ପର୍କରେ ସ୍ପଷ୍ଟୀକରଣ ହେଉଛି ଲକ୍‌ଡାଉନରେ ପାଠପଢ଼ା ବନ୍ଦ ଥିଲେ ମଧ୍ୟ ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ନିୟମିତ ଦରମା ପ୍ରଦାନ କରାଯାଉଛି। ତେଣୁ ଯଦି ସ୍କୁଲ ଫି' ଛାଡ଼ କିମ୍ବା କାଂଟଛାଂଟ କରାଯାଏ ତେବେ ଶୈକ୍ଷିକ ଭିତ୍ତିଭୂମି ବିକାଶ ବାଧାପ୍ରାପ୍ତ ହେବ। ଦୁଇପକ୍ଷ ନିଜ ନିଜ ଯୁକ୍ତିକୁ ସଠିକ୍ ବୋଲି ଦର୍ଶାଇବା ପରେ ଶେଷରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ତିନୋଟି ଜନସ୍ୱାର୍ଥ ମାମଲା ଦାୟର ହୋଇଥିଲା। ଏହାର ଶୁଣାଣି ଅବସରରେ ରାଜ୍ୟ ସରକାରଙ୍କୁ ଏ ସମ୍ପର୍କରେ ସତ୍ୟପାଠ ଜରିଆର ମତ ରଖିବାପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଉଚ୍ଚ ନ୍ୟାୟାଳୟରେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଦାଖଲ କରିଥିବା ସଦ୍ୟତମ ସତ୍ୟପାଠରେ ଦର୍ଶାଇଥିବା ମର୍ମ ହେଉଛି ଯେ ଘରୋଇ ବିଦ୍ୟାଳୟ ବା ସରକାରୀ ଅନୁଦାନ ପାଉନଥିବା ବିଦ୍ୟାଳୟରେ ଫି' ଓ ନୀତି ନିର୍ଦ୍ଧାରଣ ପାଇଁ ସେମାନଙ୍କ ନିଜସ୍ୱ ପରିଚାଳନା ସମିତି ରହିଛି, ଯେଉଥିଁରେ ଅଭିଭାବକମାନଙ୍କର ପ୍ରତିନିଧି ମଧ୍ୟ ରହିଛନ୍ତି। ତେଣୁ ଉକ୍ତ ଶିକ୍ଷାନୁଷ୍ଠାନରେ ଫି' ହ୍ରାସ କରିବାପାଇଁ ସରକାର ସେପରି କୌଣସି ନିର୍ଦ୍ଦିଷ୍ଟ ନୀତି ପ୍ରଣୟନ କରିବା ଆବଶ୍ୟକ ମନେ କରିନାହାନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସ୍ଥଗିତ ରହିଛି। ଯଦି ନ୍ୟାୟାଳୟ ସରକାରଙ୍କ ସତ୍ୟପାଠର ସନ୍ତୁଷ୍ଟ ହୁଅନ୍ତି ତେବେ ଅଭିଭାବକଙ୍କ ସ୍କୁଲ ଫି' ଛାଡ଼ ଦାବି ଅପୂରଣୀୟ ରହିଯିବ। ଏପରି କ୍ଷେତ୍ରରେ ଅଭିଭାବକମାନେ ଆର୍ଥିକ ବୋଝ ସହିବା ବ୍ୟତୀତ ବିକଳ୍ପ ନାହିଁ। ଏ ପ୍ରସଙ୍ଗରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଯୁକ୍ତି ହେଲା ସରକାରୀ ସ୍କୁଲ ଥିବା ସତ୍ତ୍ୱେ ଅଭିଭାବକମାନେ ଅଧିକ ସୁବିଧାସୁଯୋଗ, ଗୁଣାତ୍ମକ ଶିକ୍ଷା ଓ ତାଲିମ୍ ପାଇଁ ଅଧିକ ଫି' ଦେଇ ଘରୋଇ ବିଦ୍ୟାଳୟକୁ ପସନ୍ଦ କରୁଛନ୍ତି। ଯଦି ଅଭିଭାବକମାନେ ଚାହିଁବେ ତେବେ ସେମାନଙ୍କ ପିଲାମାନଙ୍କୁ ସରକାରୀ ସ୍କୁଲରେ ନାମ ଲେଖାଇପାରିବେ। ଏହାଛଡ଼ା ଉଚ୍ଚ ନ୍ୟାୟାଳୟର ଗତ ନଭେମ୍ବର ୨୩ ତାରିଖର ନିର୍ଦ୍ଦେଶ ଅନୁଯାୟୀ କେଉଁ ବର୍ଗର ସ୍କୁଲ ପାଇଁ କେତେ ପ୍ରତିଶତ ଫି' ଛାଡ଼ କରାଯିବ ସେ ସମ୍ପର୍କରେ ଘରୋଇ ସ୍କୁଲର ଅଂଶୀଦାରମାନଙ୍କ ସହିତ ଚୁକ୍ତି ହୋଇସାରିଛି। ତାହା ଅଭିଭାବକଙ୍କ ଆର୍ଥିକ ବୋଝକୁ କିଛିଟା ହାଲକା କରିପାରିବ। ଗୋଟିଏ ଦୃଷ୍ଟିରୁ ଦେଖିଲେ ବିଦ୍ୟାଳୟ ଗଣଶିକ୍ଷା ବିଭାଗର ଯୁକ୍ତିରେ କିଛିଟା ଯଥାର୍ଥତା ରହିଛି। ତଥାପି ସାମୂହିକ ଦୃଷ୍ଟିକୋଣରୁ ବିଚାର କଲେ ମହାମାରୀ ପରି ଅଭୂତପୂର୍ବ ସ୍ଥିତିରେ ସରକାରଙ୍କ ହସ୍ତକ୍ଷେପର ଆବଶ୍ୟକତା ରହିଥିବା ମନେ ହୁଏ। ଜରୁରିକାଳୀନ ପରିସ୍ଥିତିକୁ ଦୃଷ୍ଟିରେ ରଖି ଅନେକ ସମୟରେ ନିୟମରେ ସଂଶୋଧନ କରାଯାଇଥିବାର ଉଦାହରଣ ବହୁଳ। ତେଣୁ ରାଜ୍ୟର କୋମଳମତି ଶିଶୁ ଓ ଅଭିଭାବକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଏ ଦିଗରେ ନୀତି ପ୍ରଣୟନ କରିବା ଆବଶ୍ୟକ ବୋଲି ପ୍ରକାଶ ପାଉଥିବା ଜନମତକୁ ମଧ୍ୟ ସମ୍ପୂର୍ଣ୍ଣ ଅସ୍ୱୀକାର କରିହେଉନାହିଁ। ବିଶେଷ ପରିସ୍ଥିତିରେ ସରକାର ଯଦି ବିଶେଷ ନୀତି ପ୍ରଣୟନ କରନ୍ତି ତେବେ ତାହା ରାଜ୍ୟର ଶିକ୍ଷା ବ୍ୟବସ୍ଥା, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ମଙ୍ଗଳପ୍ରଦ ହେବ। ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଏ ଦିଗରେ ବିହିତ ପଦକ୍ଷେପ ନେବେ ବୋଲି ଆଶା କରାଯାଏ।

## ବୁଣାକାର ଓ ହସ୍ତଶିଳ୍ପୀମାନଙ୍କୁ ଜୀବିକା ପାଇଁ ସହଯୋଗ

**ପ୍ରିୟଙ୍କା ପ୍ରିୟଦର୍ଶିନୀ**

କୋଭିଡ଼ ସମୟରେ ବୁଣାକାର ଓ ହସ୍ତଶିଳ୍ପୀ ମାନଙ୍କ ଜୀବନ ଓ ଜୀବିକା ପାଇଁ ଓଡ଼ିଶା ସରକାର ଏବଂ ଅନ୍ୟାନ୍ୟ ସଂସ୍ଥା ମାନଙ୍କର ବିଭିନ୍ନ ପଦକ୍ଷେପ ସମୀକ୍ଷା କରିବା ଏହି ଆଲେଖ୍ୟର ଉଦ୍ଦେଶ୍ୟ। ଏପ୍ରିଲ, ମେ ମାସ ଠାରୁ କୋଭିଡ଼ ମହାମାରୀ ଦ୍ୱାରା ସମାଜର ସମସ୍ତ ବର୍ଗ ପ୍ରଭାବିତ ହେଲେ ବି ଖଟିଖିଆ କର୍ମଜୀବୀ ମାନଙ୍କ ଅବସ୍ଥା ସବୁଠାରୁ ବେଶୀ କ୍ଷତିଗ୍ରସ୍ତ। ସେମାନଙ୍କର ଜୀବନ ଜୀବିକା ରକ୍ଷା କରିବା ପାଇଁ ବିଭିନ୍ନ ସରକାରୀ ପଦକ୍ଷେପ କାର୍ଯ୍ୟକ୍ଷମ କରାଯାଇଛି। ବିଭିନ୍ନ ସରକାରୀ ପ୍ରଯୋଜିତ ସଂସ୍ଥା ମାଧ୍ୟମରେ ବୁଣାକାର ସାମଗ୍ରୀ କ୍ରୟ କରାଯିବା ଦ୍ୱାରା ଅଧିକ କର୍ମଦିବସ ସୃଷ୍ଟି କରି ସେମାନଙ୍କର କର୍ମ ନିଯୋଜନ କରାଯାଇଛି। ସେହିପରି ମନରେଗା ଯୋଜନା ଦ୍ୱାରା ଟସର ଶିଳ୍ପର ବୃଦ୍ଧି ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଓଡ଼ିଶା ସରକାର ନିଷ୍ପତ୍ତି ନେଇଛନ୍ତି। ଏ ବର୍ଷ ଟସର ଋତୁରେ ଟସର ଚାଷ ମାଧ୍ୟମରେ ଏଗାର ଲକ୍ଷ କର୍ମ ଦିବସ ସୃଷ୍ଟି କରିବା ଏବଂ ମଜୁରୀ ବାବଦରେ ୨୪.୫୩ କୋଟି ଟଙ୍କା ପୈଠ କରିବା ପାଇଁ ସରକାରଙ୍କ ପାଖରେ ଟସର ଚାଷୀ କୃତଜ୍ଞ। ବିଭିନ୍ନ ଅଣ ସରକାରୀ ସଂଗଠନମାନେ ମଧ୍ଧ ବୁଣାକାର ମାନଙ୍କ ପାଇଁ ସହଯୋଗର ହାତ ବଢ଼ାଇଛନ୍ତି। ସାହାଇ ଓ ଆଦିତ୍ୟ ବିର୍ଲା କମ୍ପାନୀଙ୍କ ଦ୍ୱାରା ୪୪୦୦ ଲୋକଙ୍କୁ ପ୍ରତ୍ୟକ୍ଷ କର୍ମ ନିଯୋଜନ ଯୋଗାଇବା ଏବଂ ବୟସ୍କ ବୁଣାକାର ଓ କାରିଗରର ମାନଙ୍କୁ ମାସିକ ୫୦୦ରୁ ୭୦୦ ଟଙ୍କା ସହାୟତାର କାର୍ଯ୍ୟ ପାଇଁ ସଂସ୍ଥାମାନେ ଧନ୍ୟବାଦର ପାତ୍ର। କିନ୍ତୁ ସେମାନଙ୍କର ସହଭାଗୀତା ଓ ସହଯୋଗୀତା ଆହୁରି ବ୍ୟାପକ ହେବା ଦରକାର। କୋଭିଡ଼ ବିପତ୍ତି ସମୟରେ ଏ ବର୍ଷ ବିଭିନ୍ନ ସରକାରୀ ଏବଂ ବେସରକାରୀ ସଂସ୍ଥା ଓ ବ୍ୟବସାୟୀ ପ୍ରତିଷ୍ଠାନମାନେ ବିଭିନ୍ନ ହସ୍ତଶିଳ୍ପ ଓ ତନ୍ତ ନିର୍ମିତ ଉତ୍ପାଦ କ୍ରୟ କରିଛନ୍ତି। କ୍ରୟ କରାଯାଇଥିବା ମୋଟ ୧୩୨.୨୯ କୋଟି ଟଙ୍କା ମଧ୍ୟରୁ ବୟନିକା ୨୫.୯୬ କୋଟି, ସମ୍ବଲପୁରୀ ବସ୍ତ୍ରାଳୟ ୨୬.୨୨ କୋଟି, ସେରିଫେଡ଼ି ୦.୪୯ କୋଟି ଏବଂ ଉତ୍କଳିକା ୧.୦୬ କୋଟି ଟଙ୍କାର ଉତ୍ପାଦ ଅନ୍ତର୍ଭୁକ୍ତ। ବର୍ତ୍ତମାନ ପର୍ଯ୍ୟନ୍ତ ଏହି କ୍ରୟ ଚାଲୁ ରହିଛି। ଆଗାମୀ ମାସ ମାନଙ୍କରେ ଅଧିକ ୩୦ କୋଟି ଟଙ୍କାର ସାମଗ୍ରୀ କ୍ରୟ ପାଇଁ ସରକାରୀ ନିଷ୍ପତ୍ତି ହୋଇଥିବାର ଜଣାପଡ଼ିଛି। ଆମ ଦେଶର ହାତବୁଣା ବସ୍ତ୍ର ଆମ ଦେଶର ଗାରିମା, ପରମ୍ପରା ତଥା ସଂସ୍କୃତି ସହିତ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ। ଖ୍ରୀଷ୍ଟ ଜନ୍ମର ପୂର୍ବରୁ ସମଗ୍ର ପୃଥିବୀରେ ଭାରତୀୟ ହାତବୁଣା ଲୁଗାର ପ୍ରସିଦ୍ଧି ଥିଲା ଯାହା କାଳକ୍ରମେ ଏବଂ ବିଭିନ୍ନ କାରଣରୁ ଲୁପ୍ତପ୍ରାୟ ଅବସ୍ଥାରେ ଅଛି। ଉକ୍ତ ଅବକ୍ଷୟର କାରଣ ଅନୁଶୀଳନ କରିବା ଏଠାରେ ସମ୍ଭବ ନୁହେଁ। ତେଣୁ ବର୍ତ୍ତମାନ ଅବସ୍ଥାର ପରିବର୍ତ୍ତନ ପାଇଁ କି କି ପଦକ୍ଷେପ ଆବଶ୍ୟକ ଆଜି ଚର୍ଚ୍ଚାର ବିଷୟ।

୧୯୮୭ ମସିହାରେ ହୋଇଥିବା ପ୍ରଥମ ହସ୍ତତନ୍ତ ଗଣନା ସହ ୨୦୧୯ର ଚତୁର୍ଥ ହସ୍ତତନ୍ତ ଗଣନାରୁ ଲବ୍ଧ ତଥ୍ୟର ତୁଳନା କଲେ ଦେଖାଯାଏ ଯେ ସର୍ବଭାରତ ସ୍ତରରେ ଚାଲୁଥିବା ତନ୍ତ ସଂଖ୍ୟା ୩୭.୭୮ ଲକ୍ଷରୁ କମି ୨୧.୭୮ ଲକ୍ଷରେ ଏବଂ ପୂରା ସମୟ କାମ କରୁଥିବା ବୁଣାକାରଙ୍କ ସଂଖ୍ୟା ୬୭.୩୯ ଲକ୍ଷରୁ କମି ୩୫.୨୨ ଲକ୍ଷରେ ପହଞ୍ଚିଛି। ଓଡ଼ିଶା ପରି ହସ୍ତତନ୍ତ ପାଇଁ ପ୍ରସିଦ୍ଧ ଗୋଟିଏ ରାଜ୍ୟରେ ଏହି ସଂଖ୍ୟା ତନ୍ତ କ୍ଷେତ୍ରରେ ୧.୧୯ ଲକ୍ଷରୁ କମି ୦.୪୮ ଲକ୍ଷରେ ଏବଂ ବୁଣାକାରଙ୍କ ସଂଖ୍ୟା ୨.୪୭ ଲକ୍ଷରୁ କମି ୧.୧୬ ଲକ୍ଷ ହୋଇଛି। ଏହାର ମୂଳ କାରଣ କୁଶଳୀ ବୁଣାକାରଙ୍କ ଆୟରେ ପରିଲକ୍ଷିତ ହେଉଥିବା ହ୍ରାସ। ଗ୍ରାମାଞ୍ଚଳରେ ବୁଣାକାରମାନେ ସ୍ଥାନୀୟ ଚାହିଦା ଅନୁସାରେ ଲୁଗା ଉତ୍ପାଦନ କରିଥାନ୍ତି। ମିଲ୍ ତିଆରି ଲୁଗା ଆସିବା ପରେ ତାହା ଗଭୀର ଭାବେ ଆକ୍ରାନ୍ତ ହେଲା। ଉଲ୍ଲେଖନୀୟ ଯେ ଅନେକ ସରକାରୀ ଯୋଜନା କମ କୁଶଳୀ ବୁଣାକାରଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। କିନ୍ତୁ ସହରରେ ଅଧିକ ଉପାର୍ଜନକାରୀ କାର୍ଯ୍ୟ ତଥା ଗ୍ରାମାଞ୍ଚଳରେ ଏନ୍.ଆର.ଇ.ଜି. ମନରେଗା ଭଳି ରୋଜଗାରର ସୁଯୋଗ ଯୋଗାଉଥିବା ଯୋଜନା ଉପଲବ୍ଧ ହେବାରୁ ଅନେକ ବୁଣାକାର ଅଧିକ ରୋଜଗାର ପାଇଁ ତନ୍ତକୁ ଗୌଣ କରିଦେଲେ। ଓଡ଼ିଶାରେ ୧୯୯୦ ମସିହାରେ କୁଶଳୀ ବୁଣାକାରଙ୍କ ଦୈନିକ ଆୟ ପ୍ରାୟ ୨୦୦ ଟଙ୍କା ଥିଲା, ଯାହାକି ତତ୍କାଳୀନ ଅଣକୁଶଳୀ ଗ୍ରାମୀଣ ଶ୍ରମିକଙ୍କ ଦୈନିକ ମଜୁରୀ (୨୫ଟଙ୍କା)ର ୮ଗୁଣ ଥିଲା। ୨୦୨୦ ବର୍ଷ ବେଳକୁ କୁଶଳୀ ବୁଣାକାରଙ୍କ ଦୈନିକ ମଜୁରୀ ପ୍ରାୟ ୫୦୦ ଟଙ୍କାକୁ ବଢ଼ିଛି ସତ, କିନ୍ତୁ ଏହା ଗ୍ରାମୀଣ ଅଣକୁଶଳୀ ଶ୍ରମିକଙ୍କ ଦୈନିକ ମଜୁରୀ ସହିତ ସମାନ ହୋଇଛି। ଏହି କାରଣରୁ ବୁଣାକାର ପରିବାରର ଯୁବ ପିଢ଼ି କୌଳିକ ପେସା ପରିବର୍ତ୍ତେ ନିକଟସ୍ଥ ସହରରେ ବିଭିନ୍ନ କାର୍ଯ୍ୟ ଯେମିତି କ ଦୋକାନରେ କାମ କରିବା, ସିକ୍ୟୁରିଟି ଗାର୍ଡ଼ ହେବା ଭଳି କାମ ପ୍ରତି ଅଧିକ ଆକୃଷ୍ଟ ହେଉଛନ୍ତି।

କୁଶଳୀ ବୁଣାକାରଙ୍କୁ ରଙ୍ଗ ତଥା ଡିଜାଇନ ପାଇଁ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ରହିଛି। କେନ୍ଦ୍ର ସରକାର ପରିଚାଳିତ ବୁଣାକାର ସେବା କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବୟନ ଶିଳ୍ପ ବିଭାଗର ବୈଷୟିକ କର୍ମଚାରୀ ଥିବା ଏହି ସାହାଯ୍ୟ ଦେଇ ପାରିବେ। କେବଳ ବୈଷୟିକ ପ୍ରଶିକ୍ଷଣ ନୁହଁ, ହିସାବ ରଖିବା, ଇଣ୍ଟରନେଟ ବ୍ୟବହାର, ରପ୍ତାନୀ ଆଦି ବିଷୟରେ ବୁଣାକାର ମାନଙ୍କୁ ତାଲିମ ସକାଶେ ପ୍ରଶାସନିକ ସହାୟତା ଆବଶ୍ୟକ। ଉଚିତ ଦାମରେ କଞ୍ଚାମାଲ ମିଳିବା ନିମନ୍ତେ ସରକାରଙ୍କ ସହାୟତା ଆବଶ୍ୟକ। ସେହିପରି ବ୍ୟାଙ୍କ ମାଧ୍ୟମରେ ଆବଶ୍ୟକତା ଅନୁଯାୟୀ ଋଣ ଗ୍ରାହକ ମାନଙ୍କର ଦୃଷ୍ଟି ଆକର୍ଷଣ କରିବା ପାଇଁ ଓ ବ୍ରାଣ୍ଡିଙ୍ଗ ଏକାନ୍ତ ଆବଶ୍ୟକ ଏହାକୁ ଲକ୍ଷ୍ୟ ରଖି ପ୍ରଥମ ଜାତୀୟ ହସ୍ତତନ୍ତ ଦିବସ ପାଳନ ୭ ଅଗଷ୍ଟ ୨୦୧୫ ଅବସରରେ ଚେନ୍ନାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଣ୍ଡିଆନ ହାଣ୍ଡଲୁମ୍ ବ୍ରାଣ୍ଡର ଶୁଭ ଉଦ୍‌ଘାଟନ କରିଥିଲେ। ହ୍ୟାଣ୍ଡଲୁମ୍ ବ୍ରାଣ୍ଡ ବଳିଷ୍ଠ ହେବ ପୃଥିବୀରେ ଭାରତୀୟ ହାତବୁଣା ଲୁଗାର ଚାହିଦା ସେତେ ବଢ଼ିବ। ଏଥିଲାଗି ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫେସନ ଟେକ୍ନୋଲୋଜି ବା ନିଫ୍‌ଟ ଓ ଫେସନ ଶିକ୍ଷା ସହ ସଂପୃକ୍ତ ଅନ୍ୟାନ୍ୟ ପ୍ରତିଷ୍ଠାନର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କ ସହିତ କୁଶଳୀ ବୁଣାକାରମାନଙ୍କ ଯୋଗାଯୋଗ ଆବଶ୍ୟକ। ଫଳରେ ଛାତ୍ରଛାତ୍ରୀମାନେ ତନ୍ତ ଓ ବୁଣା ପ୍ରକ୍ରିୟା ବିଷୟରେ ସିଧାସଳଖ ଜ୍ଞାନ ପାଇପାରିବେ ଏବଂ ସେମାନେ ବୁଣାକାର ମାନଙ୍କୁ ବଜାର ଚାହିଦା ଅନୁସାରେ ନୂଆ ପ୍ରକାରର ଲୁଗା କରିବା ନିମନ୍ତେ ଡିଜାଇନ ତଥା ବୈଷୟିକ ପରାମର୍ଶ ଦେଇ ପାରିବେ। କୋଭିଡ଼-୧୯ ମହାମାରୀ ଜନିତ ଲକ୍‌ଡାଉନ୍ ହେତୁ ଲକ୍ଷ ଲକ୍ଷ ଶ୍ରମିକ କର୍ମସ୍ଥାନରୁ ନିଜ ଗାଁକୁ ଫେରିଆସିଛନ୍ତି। ନିକଟରେ ହୋଇଥିବା ଏକ ସର୍ଭେରୁ ଜଣାଯାଏ ଯେ ସେମାନଙ୍କ ମଧ୍ୟରୁ ୨୫% ନିଜ ଗାଁରେ ରହିଯିବାକୁ ଚାହାନ୍ତି। ଏମାନଙ୍କ ମଧ୍ୟରେ ବୁଣାକାର ଓ ହସ୍ତତନ୍ତର ଅଭିଜ୍ଞତା ଥିବା ଅନେକ ବ୍ୟକ୍ତି ଥିବେ, ଯେଉଁମାନଙ୍କୁ କିଛି ଅର୍ଥ ସାହାଯ୍ୟ ମିଳିଲେ ସେମାନେ ନୂଆ ରୋଜଗାରର ବାଟ ପାଇପାରିବେ। ୨୦୧୫ରେ ଜାତୀୟ ସ୍ତରରେ ପୁରସ୍କୃତ ବୁଣାକାରଙ୍କୁ ପୁରସ୍କାର ହିସାବରେ ପ୍ରଥମ ଥର ପାଇଁ ଆଧୁନିକ ପ୍ରଯୁକ୍ତି ବିଜ୍ଞାନ ସଂପନ୍ନ ସ୍ମାର୍ଟ ଫୋନ ପ୍ରଦାନ କରାଯାଇଥିଲା। କହିବା ବାହୁଲ୍ୟ ଯେ ଏହାର ଉପଯୁକ୍ତ ବ୍ୟବହାର ବୁଣାକାରମାନଙ୍କ ଲାଗି ପରିଚିତ ଓ ଉପାର୍ଜନର ଦ୍ୱାର ପ୍ରଶସ୍ତ କରିବ। ଏକ ପାରମ୍ପରିକ ଶିଳ୍ପ ଯଦି ଆଧୁନିକ ବୈଷୟିକ ଜ୍ଞାନର ଉଚିତ ଉପଯୋଗ କରିପାରେ, ତେବେ ତାହା ଚମତ୍କାର ସଫଳତା ଦେଖାଇପାରେ।


+ଉପସଭାପତି, ଗ୍ରାସିମ୍, ଇଣ୍ଡଷ୍ଟ୍ରିଜ୍ ଲିମିଟେଡ, ମୁମ୍ବାଇ, E-mail : itzprinanka@gmail.com


## କାହାକୁ କହିବନି

**ସୁବାସ କୁମାର ତାରଣିଆଁ**



ପ୍ରାୟ ୧୦ ବର୍ଷ ତଳେ ଜଣେ ବରିଷ୍ଠ ନାଗରିକ, ଭାରତୀୟ ଷ୍ଟେଟ ବ୍ୟାଙ୍କର ଅବସରପ୍ରାପ୍ତ ଅଧିକାରୀ ତଥା ସ୍ତମ୍ଭକାର ତାଙ୍କର କିଛି ଲେଖା ନେଇ ମୋ ପାଖକୁ ଡ଼ିଟିପି କରିବାକୁ ଆସିଥିଲେ। ଯେହେତୁ ସେ ଜଣେ ବରିଷ୍ଠ ନାଗରିକ ଥିଲେ, ସେଥିପାଇଁ ତାଙ୍କ ଲେଖାଟି ମୁଁ ଆଗ ଡ଼ିଟିପି କରିଦେଇ, ପରେ ଅନ୍ୟମାନଙ୍କ କାମ କରିଥିଲି। ମୋ କାମରେ ସେ ଖୁସି ଜାହିର କରିଥିଲେ ଏବଂ ସେହିଦିନ ଠାରୁ ଅଧିକାଂଶ ସମୟ ମୋ ପାଖକୁ ତାଙ୍କ ଲେଖା ନେଇ ଆସନ୍ତି, ମୁଁ ମଧ ଠିକ୍ ସମୟରେ ତାଙ୍କର ଡ଼ିଟିପି କରିଦିଏ। ଏଇ ଯିବା ଆସିବା ଭିତରେ ମୁଁ ଜାଣିବାକୁ ପାଇଲି ତାଙ୍କ ଘର ଏବଂ ମୋ ଘର ଜଗତସିଂହପୁର ଜିଲ୍ଲାରେ ଯାହା ପରବର୍ତ୍ତୀ ସମୟରେ ତାଙ୍କ ସହିତ ମୋର ସମ୍ପର୍କ ନିବିଡ଼ ହେବାରେ ଲାଗିଲା। ଏମିତିକି ଯଦି କୌଣସି କାରଣବଶତଃ ତାଙ୍କ ଲେଖା ପାଇଁ ମୋ ପାଖକୁ ନ ଆସିପାରନ୍ତି, ତେବେ ସେ ଫୋନ୍ ମାଧ୍ୟମରେ ମୋତେ ଜଣେଇଦେଲେ ସେ କାମଟିକୁ ମୁଁ କରିଦିଏ। ଦୀର୍ଘ ୧୦ବର୍ଷର ଏହି ସମ୍ପର୍କ ଠିକ୍‌ଠାକ ଚାଲିଥିଲା। କିନ୍ତୁ କେଉଁଠି ଥିଲା ମହାମାରୀ କରୋନା, ହଠାତ ଓଡ଼ିଶାରେ ପ୍ରବେଶ କରିବା ଫଳରେ ଆମ ସମ୍ପର୍କରେ ଟିକେ ଭଟ୍ଟା ପଡ଼ିବା ଭଳି ଅନୁଭବ କଲି। ମହାମାରୀ କରୋନା ଯୋଗୁ ଦୀର୍ଘ ୯ ମାସ ହେବ ୧୦/୧୫ ଦିନରେ ଥରେ ଆସନ୍ତି ଏବଂ ମୋ ସହ କଥାବାର୍ତ୍ତା ହୋଇ ପୁଣି ଫେରିଯାଆନ୍ତି। କାରଣ କରୋନା ମହାମାରୀ ଯେଉଁଭଳି ତାଣ୍ଡବଲୀଳା ରଚିଚାଲିଛି, ଏଥିରେ ଗରିବ ଖଟିଖିଆଙ୍କ ଠାରୁ ଆରମ୍ଭ କରି ଧନୀ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତେ ଭୟଭୀତ। ଭୟଭୀତ ହେବା ବି ସ୍ୱାଭାବିକ। ଏହାକୁ ବିଚାରକୁ ନେଇ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ କରୋନା ଠାରୁ ଦୂରେଇ ରହିବା ପାଇଁ ନିଜ ନିଜ ଘରେ ସମୟ ଅତିବାହିତ କଲେ। ବିଶେଷକରି ବରିଷ୍ଠ ନାଗରିକ, ବୃଦ୍ଧ, ବୃଦ୍ଧାମାନଙ୍କୁ ଅଧିକେ ସତର୍କ ରହିବାକୁ ସରକାରଙ୍କ ତରଫରୁ ପରାମର୍ଶ ଦିଆଯାଇଥିଲା। ଏକ ଆକଳନରୁ ଜଣାପଡ଼ିଛି ଯେ, ଓଡ଼ିଶାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩ ଲକ୍ଷ ୨୦ ହଜାର ୮୦୩କୁ ବୃଦ୍ଧି ପାଇଥିବା ବେଳେ ରାଜଧାନୀ ଭୁବନେଶ୍ୱରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୦ ହଜାର ୮୬୮କୁ ବୃଦ୍ଧି ପାଇଛି। ସେହିପରି ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୭୬୫କୁ ବୃଦ୍ଧି ପାଇଥିବା ବେଳେ ରାଜଧାନୀ ଭୁବନେଶ୍ୱରରେ ୨୨୩ ଜଣଙ୍କ ମୃତ୍ୟୁ ଘଟିଛି। କରୋନାର ଏହି ଭୟବହତା କାରଣରୁ ତାଙ୍କର ଆସିବା ଧୀରେ ଧୀରେ କମିବାରେ ଲାଗିଥିଲା ସତ, କିନ୍ତୁ ପ୍ରତ୍ୟହ ମୋବାଇଲ୍‌ରେ ଯୋଗାଯୋଗ ରହୁଥାଏ। ସେ ମୋତେ ଫୋନ୍ କରିବା ସମୟରେ ବାରମ୍ବାର ପରାମର୍ଶ ଦେଉଥିଲେ ଯେ, ଦେଖ ସୁବାସ, ତୁମ ପାଖକୁ ବହୁତ ଲୋକ ଆସୁଛନ୍ତି, କାହାକୁ କଣ ହୋଇଥିବ ତୁମେ କିପରି ଜାଣିବ? ସହଜରେ ତ ତୁମ ହେହ ଅଧିକାଂଶ ସମୟ ଭଲ ରୁହେ ନାହିଁ। ତେଣୁ ଟିକେ ସତର୍କ ରହିବ ବୋଲି କହିବା ସହିତ ମୋ ପାଖକୁ କାମ ପାଇଁ ଆସୁଥିବା ତାଙ୍କ ଅତି ପରିଚିତ ଲୋକମାନଙ୍କ ଭଲ ମନ୍ଦ ବିଷୟରେ ପଚାରି ବୁଝୁଥିଲେ।

ଏହାରି ମଧ୍ୟରେ ଏକମାସ ବିତିଯାଇଥିଲେ ମଧ ତାଙ୍କ ସହିତ ମୋର ଆଉ ଯୋଗାଯୋଗ ହୋଇପାରିନଥିଲା। ଦୀର୍ଘ ଏକମାସ ପରେ ହଠାତ୍ ଦିନେ ତାଙ୍କର ଗୋଟେ କାମ ପାଇଁ ଫୋନ୍ କଲେ। କହିଲେ ଯେ, ମୁଁ ଏଇ କିଛିଦିନ ହେଲା ଘରୁ ବାହାରକୁ ବାହାରୁନି। କାରଣ ମିସେସ୍ (ଧର୍ମପତ୍ନୀ)ଙ୍କ ହେଦ ଟିକେ ଭଲ ନ ଲାଗିବାରୁ ଆମେ ଦୁହେଁ କରୋନା ପରୀକ୍ଷା କରିବା ପାଇଁ ଯାଇଥିଲୁ। ମୋର ନେଗେଟିଭ୍ ବାହାରିଲା କିନ୍ତୁ ମିସେସ୍‌ଙ୍କର ପଜେଟିଭ ବାହାରିଲା। ସେଥିପାଇଁ ମୁଁ ସବୁବେଳେ ଘରେ ରହି ମିସେସ୍‌ଙ୍କ ଯତ୍ନ ନେଉଛି, ଘର କାମରେ ବ୍ୟସ୍ତ ରହୁଛି, ତେଣୁ ମୋ କାମଟି କରିଦେବ। ମୁଁ ହଁ କରିଦେବି ବୋଲି ପ୍ରତିଶ୍ରୁତି ଦେବାରୁ ସେ ପୁଣି କହିଲେ, ଶୁଣ ମିସେସ୍‌ଙ୍କର କରୋନା ପଜେଟିଭ ବାହାରିଛି ବୋଲି ତୁମେ 'କାହାକୁ କହିବନି'। ହଉ ଠିକ୍ ଅଛି, କାହାକୁ କହିବିନି ବୋଲି ମୁଁ ତାଙ୍କୁ ପ୍ରତିଶ୍ରୁତି ଦେଲି। କରୋନା ମହାମାରୀ ପାଇଁ ଓଡ଼ିଶା ସମେତ ସାରା ଦେଶରେ ଯେଉଁ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି, ସେଥିରୁ ମୁକୁଳିବା ଏତେ ସହଜ ବ୍ୟାପାର ନୁହେଁ। ଏହିଭଳି ଏକ ଘଡ଼ିସନ୍ଧି ମହୁର୍ତ୍ତରେ ଓଡ଼ିଶାରେ କରୋନା ରୋଗୀଙ୍କୁ ନେଇ ଅନେକ ଲୋକ ବିଭିନ୍ନ ପ୍ରକାର କୁତ୍ସାରଟନା କରୁଛନ୍ତି। ପରିସ୍ଥିତି ଏମିତି ହୋଇଛି ଯେ, କରୋନା ରୋଗୀଟିଏ ମୃତ୍ୟୁବରଣ କଲେ, କିମ୍ବା ସଂକ୍ରମିତ ହେଲେ ତାର ଭାଇ, ବନ୍ଧୁ, କୁଟୁମ୍ବ, ସାହି, ପଡ଼ିଶା, ପୁଅବୋହୂ, ଏମିତିକି ସ୍ତ୍ରୀ ମଧ ଛୁଇଁବାକୁ ଇଚ୍ଛାପ୍ରକାଶ କରୁନାହାଁନ୍ତି। ନିକଟରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ 'କରୋନା ରେଗୀଙ୍କ ଶବକୁ କାନ୍ଧ ଦେବାକୁ କେହି ଆସିଲେ ନାହିଁ, ଗଣମାଧ୍ୟମ ପ୍ରତିନିଧି କଲେ ଶବ ସତ୍କାର' ଖବର ମଧ ପଢିବାକୁ ମିଳିଥିଲା। ସେହିପରି କରୋନା ରୋଗୀଙ୍କ ଶବ ସତ୍କାରକୁ ନେଇ ବିଭିନ୍ନ ଗାଁରେ ବାଦ ବିବାଦ ଉପୁଜିଥିବାର ଖବର ମଧ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ମହାମାରୀ କରୋନାର ଭୟ ଲୋକମାନଙ୍କୁ ଏପରି ଗ୍ରାସ କରିଛି ଯେ, ସାଧାରଣ ଲୋକଟିଏ ଯଦି ରାସ୍ତାରେ କୌଣସି କାରଣରୁ ଅସୁବିଧାରେ ପଡ଼ିଛି, ତେବେ ତାକୁ ସହାୟତାର ହାତ ବଢାଇବା ବଦଳରେ କରୋନା ଭୟରେ ଜାଣି, ନଜାଣିବାର ଅଭିନୟ କରି ଯିଏ ଯେଝା ବାଟରେ ଚାଲି ଯାଉଛନ୍ତି। ସେହି ଦୃଷ୍ଟିରୁ ବୋଧହୁଏ ବରିଷ୍ଠ ନାଗରିକ ଜଣକ ତାଙ୍କ ଧର୍ମପତ୍ନୀଙ୍କ କରୋନା ପଜେଟିଭ ବିଷୟରେ 'କାହାକୁ କହିବନି' ବୋଲି ମୋତେ ଅନୁରୋଧ କରିଥିଲେ।

ଏହାର ଠିକ୍ ଅଳ୍ପଦିନ ପରେ ପୁଣି ଗୋଟିଏ ଦୁଃଖଦ ଖବର ଜାଣିବାକୁ ପାଇଲି, ବିଶିଷ୍ଟ ସମାଜସେବୀ ତଥା ଦରଦୀ ମଣିଷଙ୍କ ବନ୍ଧୁ ପ୍ରତାପ ସାହୁ ଯିଏକି ମୋ ପାଖକୁ ପ୍ରତ୍ୟେକ ଦିନ ଆସନ୍ତି, ବହୁ ସମୟ ପର୍ଯ୍ୟନ୍ତ ମୋ ପାଖରେ ସମୟ କଟାନ୍ତି, ତାଙ୍କର ଦେହ ଗୁରୁତର ଏବଂ ସେ ନିଜ ଘର ମହାଙ୍ଗାର ମଣିଜୋରୀରେ ରହି ଚିକିତ୍ସିତ ହେଉଛନ୍ତି। ଏହାପରେ ପ୍ରତାପ ଭାଇଙ୍କ ଆଶୁ ଆରୋଗ୍ୟ କାମନା କରିଥିଲି ଏବଂ ତାଙ୍କ ଅସୁସ୍ଥତା ଖବର ବରିଷ୍ଠ ନାଗରିକଙ୍କୁ ମଧ ଜଣାଇ ଥିଲି । ଯାହା ହେଉ କମ୍ ଦିନରେ ପ୍ରତାପ ଭାଇ ସୁସ୍ଥ ହୋଇ ପୁଣି ଭୁବନେଶ୍ୱର ଫେରିଥିଲେ। ସୁସ୍ଥ ହୋଇ ଭୁବନେଶ୍ୱର ଫେରିବା ପରେ ପ୍ରଥମେ ମୋ ପାଖକୁ ଆସିଥିଲେ। ସେହିଦିନ ମଧ୍ୟାହ୍ନରେ ପ୍ରତାପ ଭାଇ ଓ ମୁଁ ଗୋଟିଏ ହୋଟେଲରେ ଖାଉଥିବା ସମୟରେ ଆମ ପରିଚିତ ଲୋକମାନଙ୍କ ବିଷୟରେ ଆଲୋଚନା ହୋଇଥିଲା। ଯେହେତୁ ପ୍ରତାପ ଭାଇ ଅସୁସ୍ଥତା କାରଣରୁ ବହୁଦିନ ଭୁବନେଶ୍ୱରରେ ଅନୁପସ୍ଥିତ ଥିଲେ, ସେଦିନ ଖାଇବା ସମୟରେ ଆମର ପରିଚିତ ଲୋକମାନଙ୍କ ବିଷୟରେ ଆଲୋଚନା ହେଉଥାଏ। ହଠାତ୍ ପ୍ରତାପ ଭାଇ ମୋତେ କହିଲେ, ସୁବାସ ତୁ ଜାଣିଛୁ ନା ନାହିଁ (ବରିଷ୍ଠ ନାଗରିକ)ଙ୍କ ପତ୍ନୀଙ୍କୁ କରୋନା ହୋଇଛି ବୋଲି। ମୁଁ ଜାଣି ନଜାଣିବା ଭଳି କହିଲି ନା, ଭାଇ ମୁଁ ଜାଣିନି? ଯେହେତୁ ବରିଷ୍ଠ ନାଗରିକ ଜଣକ ମୋତେ ମନା କରିଥିଲେ 'କାହାକୁ କହିବନି' ସେ ଦୃଷ୍ଟିରୁ ମୁଁ ଜାଣି ମଧ ନ ଜାଣିବାର ଅଭିନୟ କରିଥିଲି ପ୍ରତାପ ଭାଇଙ୍କ ପାଖରେ। ଏହାପରେ ଆମେ ମଧ୍ୟାହ୍ନ ଭୋଜନ ସାରି ପୁଣି ମୋ କର୍ମକ୍ଷେତ୍ରକୁ ଫେରିଥିଲୁ ଏବଂ ଦୀର୍ଘ ସମୟ ଆମ ଅତି ପରିଚିତ ଲୋକମାନଙ୍କ ବିଷୟରେ ଆଲୋଚନା କରିଥିଲୁ।

ଏହାର ଠିକ୍ ଦୁଇଦିନ ପରେ ଆଉଜଣେ ବଡ଼ଭାଇ ତାଙ୍କ କାମ ନେଇ ମୋ ପାଖକୁ ଆସିଥିଲେ ଏବଂ ବିଭିନ୍ନ ବିଷୟରେ ଆଲୋଚନା ସମୟରେ ସେ ବରିଷ୍ଠ ନାଗରିକ ପତ୍ନୀଙ୍କ କରୋନା ବିଷୟରେ ଜାଣିଛ କି ନାହିଁ ବୋଲି ପଚାରିଥିଲେ। ଯେହେତୁ ବରିଷ୍ଠ ନାଗରିକ ଜଣକ ଅଧିକାଂଶ ସମୟ ମୋ ପାଖକୁ ଆସୁଥିଲେ, ସେ ଦୃଷ୍ଟିରୁ ମୁଁ ତାଙ୍କ ପତ୍ନୀଙ୍କ ବିଷୟରେ ଜାଣିଥିବି ବୋଲି ବଡ଼ଭାଇ ଜଣକ ଭାବି ନେଇଥିଲେ। ମୁଁ କିନ୍ତୁ ପୂର୍ବପରି ଜାଣିନାହିଁ ବୋଲି ବଡ଼ଭାଇଙ୍କୁ କହିଥିଲି। ବଡ଼ଭାଇ ଜଣକ ବରିଷ୍ଠ ନାଗରିକ ଏବଂ ତାଙ୍କ ପତ୍ନୀ ବିଷୟରେ ମୋତେ ବିସ୍ତୃତ ଭାବେ ଆଲୋଚନା କରିଥିଲେ ଏବଂ ତାଙ୍କ କାମ ସାରି ମୋ ଠାରୁ ବିଦାୟ ନେଇଥିଲେ। ଏହା ପରେ ମୋତେ ଆଶ୍ଚର୍ଯ୍ୟ ଲାଗିଥିଲା ଯେ, ଯେଉଁ ଲୋକ ମୋତେ ବାରମ୍ବାର ମନା କରିଥିଲେ (ନିଜ ପତ୍ନୀଙ୍କ କରୋନା ପଜେଟିଭି ବିଷୟରେ) 'କାହାକୁ କହିବନି', ଏହା ସତ୍ତ୍ୱେ ପ୍ରତାପ ଭାଇଙ୍କ ଠାରୁ ଆରମ୍ଭ କରି ମୋର ଆଉ ଜଣେ ବଡ଼ ଭାଇ ଜାଣିଲେ କିପରି? ବୋଧହୁଏ ମୋର କେଉଁଠି ଭୁଲ୍ ରହିଗଲା କି। ଏହା ପରେ ମୁଁ ବରିଷ୍ଠ ନାଗରିକଙ୍କୁ ପଚାରିବାରୁ ଜାଣିବାକୁ ପାଇଥିଲି ଯେ, ତାଙ୍କର କିଛି ବିଶ୍ୱସ୍ତ ଲୋକଙ୍କୁ ପତ୍ନୀଙ୍କ ବିଷୟରେ କହିଥିଲେ ଏବଂ ମୋ ଭଳି ସେମାନଙ୍କୁ ମଧ 'କାହାକୁ କହିବନି', ବୋଲି କହିଥିଲେ। ଏକଥା ଜାଣି ବି ବରିଷ୍ଠ ନାଗରିକଙ୍କ ଅନୁରୋଧକୁ ସମ୍ମାନ ଜଣାଇ ଲେଖାଟିରେ ତାଙ୍କ ନାମ ପ୍ରକାଶ କରିନାହିଁ।


+କର୍ଣ୍ଣି, ବାହାରଣା, ବାଲିକୁଦା, ଜଗତସିଂହପୁର

ମୋ : ୮୩୨୮୮୪୦୨୧୪


## କବିତା କୋଣାର୍କ

### ଆତ୍ମପ୍ରତ୍ୟୟ...

**ବିନୟ ଭୂଷଣ ପାଣିଗ୍ରାହୀ**

ଜଳଚର ଜୀବଟେ ହୁଏତ
ଜୀଇଁପାରେ କିଛିକ୍ଷଣ
ସପ୍ତସିନ୍ଧୁ ଶୁଖିଗଲା ପରେ,

ମାନବ ହେଉ ଅବା
ପଶୁ କିମ୍ବା ପକ୍ଷୀଟିଏ
ଅତଳ ସମୁଦ୍ରର ସବାତଳେ
ବଂଚିପାରେ ମୁହୂର୍ତ୍ତା କେଇଟା
ଥାଏ ଯଦି ବଂଚିବାର ମୋହ
ସେ ମୋହକୁ ଭରସା ଦେବାକୁ
ଦୃଢ଼ ମନୋବଳ।

ବଂଚିବା ନୁହଁଇ କଦାପି
ନିଶ୍ୱାସ ଗଣିବା କେବଳ
ଜୀବନ ଜୀଇଁବାପାଇଁ
ଜୀବନଠୁଁ ଅଧିକ ଜରୁରୀ
ନିଜ ଠେଇଁ ଅଗାଧ ବିଶ୍ୱାସ
ଆତ୍ମପ୍ରତ୍ୟୟ କୁହନ୍ତି ଯାହାକୁ
ସେଇତକ ହରାଇଲେ ପରେ
ଜଳସ୍ଥଳ ସବୁ ଏକାପରି,
ଅଭିନ୍ନ ଆକାଶ-ପାତାଳ।


+ହରସିଂହପୁର, ପିରହାଟ ବଜାର
ଭଦ୍ରକ:୭୫୬୧୩୧, ଓଡ଼ିଶା
ମୋ: ୯୪୩୮୬୭୦୧୨୦


## କବିତା କୋଣାର୍କ

### ତାସ ଘର...

**ସୁଷମାମଂଜରୀ ମିଶ୍ର**

ଗଢ଼ିଦିଏ
ଯତ୍ନରେ...
ପ୍ରେମରେ...
ଆନନ୍ଦରେ...
ନୂଆ ଆଶା
ନୂଆ ସ୍ୱପ୍ନ-
ସମୂହର ମଳିତ ଆହ୍ୱାନରେ
ଦୀପ୍ତିମନ୍ତ ହୋଇ ଉଠେ
ମୋର ଏଇ ତାସର ଘର,

ପୁଣି ଭୁଶୁଡ଼ି ପଡ଼େ
ଚୁର ମାର...
ଯେତେ ସବୁ ସରଳ
ହୃଦୟର ତରଳତା...
ଭରିଯାଏ ବିଷର୍ଣ୍ଣତା...

ଆଉଥରେ ଅଣ୍ଟାଳି ବସେ
ଭୂଲୁଠିତ ସେଇ ତାସ ଖଣ୍ଡ ସବୁ..
ଏକତ୍ର କରିନିଏ..
ମୋ ଦୁଇ ହାତରେ
ଏକାଗ୍ରତାରେ
ବିନା ଅଭିଯୋଗରେ
ଏତ ଜୀବନର ସାମ୍ରାଜ୍ୟ...
କେବେ ବିଲୁପ୍ତ ହେବ..
କେବେ ଗଢ଼ିବ ଉଠିବ...
ମୁଁ ଥିବି ପ୍ରୟାସରତ
ସୂର୍ଯ୍ୟାସ୍ତ ଯାଏଁ।।


+ ଭୁବନେଶ୍ୱର,
ମୋ:୮୨୮୦୦୫୮୨୩୯


### ଜୀବନ ତ ଆଶାର ଗୀତ ଗାଏ...

**ଅନସୂୟା ପଣ୍ଡା**

ସମୟର ରାଶି ରାଶି ଜଳ ଧାରାରେ
ଜୀବନର ନହୁଲି ଡଙ୍ଗା
କେବେ ଅଚାନକ ବାତ୍ୟାରେ
ପୀଡ଼ିତ ହୋଇ ଦିଶା ହୀନ ହେଲେ,
ଦ୍ୱନ୍ଦ ଆସେ।

ତେବେ କଣ ଲକ୍ଷ୍ୟକୁ ଅଂଟିରେ
ସାଉଁଟି ନପାରି,
ଜୀବନ ଏମିତି ଆଶା
ଶୂନ୍ୟ ହୋଇ ହାରିଯିବ।

ବିନା କାରଣରେ ଚିର ନିଦ୍ରା
ଶୋଇଯିବ?
ସୁନା କଷଟିର ହୋମାଗ୍ନିରେ
ପଡ଼ି ଖାଦ ମୁକ୍ତ ହୋଇଥିଲା କଣ
ଦାରୁଣ କଷାଘାତର
ଠୋକର ଖାଇ କାଳଜୟୀ
ହେବାକୁ ନା ପଳାୟନ କରିବାକୁ।

ପାଦ ତଳେ ନିତି ଚକଟି ହେଉଥିବା
ଘାସ ପୁରା ମୁଣ୍ଡ ଟେକି ବଖାଣି ହୁଏ
ନିଜ ସଂଘର୍ଷର କାହାଣୀ।

ସହିବା ଲୋକ ସିନା
ବାରମ୍ବାର ଆଘାତ ପାଏ।

ନିଜେ ନ ଚାହିଁଲା ଯାଏ କଣ କିଏ
କିଛି କ୍ଷତି କରିପାରେ।

ଦିଗନ୍ତ ବିସ୍ତାରୀ ଇଚ୍ଛାଠାରୁ କଣ ସେ
ବାଧା କେବେ ବଡ଼ ହୋଇପାରେ।

ଜୀବନ ତ ଆଶାର ଗୀତ ଗାଏ
ଉଦ୍ଦୀପନାର ଗାଥା ବହନ କରେ,
ନିରାଶ, ବିଫଳତାର ଇତି କଥା
କଣ କେବେ ଇତିହାସର
ପୃଷ୍ଠା ମଣ୍ଡନ କରେ।

ନିଜ ପାଇଁ ସତ୍ୟ ଓ ସୁନ୍ଦର ଖୋଜିବାର
ଦାୟିତ୍ୱ ବି ଆମର,
ସବୁତ ବିଶ୍ୱାସ ହାତର ଖେଳନା।

ପ୍ରତିଟି ସକାଳ ତ ଏକ ନୂଆ ଜୀବନ,
ଯାହା ଅପରିସୀମା ଆକାଂକ୍ଷାର
ସୂର୍ଯ୍ୟଙ୍କୁ ଆବାହନ କରେ,
ଏକ ଅନିର୍ବାପିତ ଜ୍ୟୋତି ନିଜ ଭିତରେ
ଜଳାଇ ନିଜକୁ ଉର୍ଦ୍ଧଗାମୀ
କରିବାକୁ ରାହା ଦେଖାଏ।


+ କାର୍ଡ଼ଗୁଡ଼ି, ବାଙ୍ଗାଲୋର
ମୋ:୯୮୪୦୭୦୬୧୪୦




# ମନ୍ତ୍ର ଯୋଗ : ମନନ ତ୍ରାଣ ଧର୍ମାଣୋ ମନ୍ତ୍ରଃ


ଡାକ୍ତର ଅର୍ଚ୍ଚନା ମିଶ୍ର


ମନ୍ତ୍ର ସମ୍ପର୍କରେ ସବୁକଥା ଆମ ପ୍ରଣୀତ ମନ୍ତ୍ର ବିଜ୍ଞାନରେ ଆଲୋଚିତ ହୋଇଛି । ମନନାତ୍ ତ୍ରାୟତେ ଇତି ମନ୍ତ୍ର । ଅର୍ଥାତ୍ ଯାହା ମନ ମଧ୍ୟରେ ସବୁବେଳେ ଭାବି ଚାଲିଲେ ଜନ୍ମମୃତ୍ୟୁର ଚକ୍ରରୁ ରକ୍ଷା ମିଳେ, ତାହା ହିଁ ମନ୍ତ୍ର । ମନ୍ତ୍ର ଯିଏ ଦେବତା ସିଏ । ଈଶ୍ୱର ଈଶ୍ୱରୀଙ୍କର ବିଭିନ୍ନ ନାମ ମଧ୍ୟ ମନ୍ତ୍ର । ବୈଦିକ ମନ୍ତ୍ରଠାରୁ ଶାବର ମନ୍ତ୍ର ଯାଏ ବିଭିନ୍ନ ପ୍ରକାର ମନ୍ତ୍ର ରହିଛି । ସେ ସବୁ ମନ୍ତ୍ର ଏକ ଏକ ଦିବ୍ୟଶକ୍ତି । ମନ୍ତ୍ର ଓ ତାହାର ଅଧିଷ୍ଠାତ୍ରୀ ଦେବୀ ବା ଦେବତା ଏକ । ସ୍ୱାମୀ ଶିବାନନ୍ଦ ଲେଖିଛନ୍ତି - ମନ୍ତ୍ରଯୋଗ ହେଉଛି ଏକ ବାସ୍ତବ ବିଜ୍ଞାନ । ଶ୍ରଦ୍ଧା, ଭକ୍ତି ଓ ପବିତ୍ରତାର ସହିତ ସତତ ମନ୍ତ୍ର ଜପ କଲେ ସାଧକଙ୍କର ଶକ୍ତି ବୃଦ୍ଧି ପାଏ, ସୁପ୍ତ ଚୈତନ୍ୟର ଜାଗରଣ ହୁଏ ଓ ମନ୍ତ୍ର ସିଦ୍ଧି ଲାଭ ହୁଏ । ସାଧକ ଜ୍ଞାନ, ମୁକ୍ତି, ଶାନ୍ତି, ଶାଶ୍ୱତ ଆନନ୍ଦ ଏବଂ ଅମୃତତ୍ୱ ଲାଭ କରନ୍ତି । ସବୁବେଳେ କୌଣସି ଏକ ମନ୍ତ୍ର ଜପ କଲେ ସାଧକ ମନ୍ତ୍ରର ଅଧିଷ୍ଠାତା ଦେବତାଙ୍କର ଗୁଣ ଓ ଶକ୍ତି ଲାଭ କରନ୍ତି । ମନ ଏବଂ ଶରୀର ଉପରେ ତାର ଅଦ୍ଭୁତ ପ୍ରଭାବ ପରିଲକ୍ଷିତ ହୁଏ । ଗୋଟିଏ ମନ୍ତ୍ରକୁ ପ୍ରତ୍ୟହ ନିର୍ଦ୍ଦିଷ୍ଟ ସଂଖ୍ୟାରେ ଜପ କରିବା ଦ୍ୱାରା ତାହାର ପ୍ରଭାବ ରୋଗ ନିଦାନକାରୀ ଔଷଧ ପରି କାମ କରେ ।

ଗାୟତ୍ରୀ ବା ପ୍ରଣବ ଓଁ ବା ଓଁ ନମଃ ଶିବାୟ, ଓଁ ନମୋ ନାରାୟଣାୟ, ଓଁ ନମୋ ଭଗବତେ ବାସୁଦେବାୟ - ଏ ଭିତରୁ ଯେ କୌଣସି ମନ୍ତ୍ର ଭାବ ଓ ଭକ୍ତିର ସହିତ ୧୧/୪ ଲକ୍ଷଥର ଜପ କଲେ ଜଣେ ମନ୍ତ୍ରରେ ସିଦ୍ଧିଲାଭ କରେ । 'ଓଁ ସୋଽହମ୍', 'ଶିବୋଽହମ୍', 'ଅହଂ ବ୍ରହ୍ମସି' - ଏସବୁ ହେଉଛି ମୋକ୍ଷ ମନ୍ତ୍ର । ଏସବୁ ଜଣକୁ ଆତ୍ମସାକ୍ଷାତ୍କାରରେ ସାହାଯ୍ୟ ପ୍ରଦାନ କରେ । ମହାମୃତ୍ୟୁଞ୍ଜୟ ମନ୍ତ୍ର ଆକସ୍ମିକ ଦୁର୍ଘଟଣା ଏବଂ ଅସାଧ ରୋଗ ଦୂର କରି ଦୀର୍ଘାୟୁ ଓ ଅମରତ୍ୱ ପ୍ରଦାନ କରେ । ଏହା ମଧ୍ୟ ଏକ ମୋକ୍ଷ ମନ୍ତ୍ର ଅଟେ । ମନ୍ତ୍ର ଦ୍ୱାରା ପୁରାତନ ଅସାଧ ରୋଗୀ ମଧ୍ୟ ଆରୋଗ୍ୟ ଲାଭ କରିପାରିବେ । ମନ୍ତ୍ରୋଚ୍ଚାରଣ ବା ଜପ, ଶକ୍ତିଶାଳୀ ଆଧ୍ୟାତ୍ମିକ ତରଙ୍ଗ ବା ଦିବ୍ୟ ସ୍ପନ୍ଦନ ଉତ୍ପନ୍ନ କରେ । ସେଗୁଡ଼ିକ ରୋଗୀର ସ୍ଥୂଳ ଓ ସୂକ୍ଷ୍ମ ଶରୀରରେ ପ୍ରବେଶ କରି କଷ୍ଟ ଯନ୍ତ୍ରଣାରେ ମୂଳ କାରଣକୁ ଦୂର କରି ଦିଅନ୍ତି । ଜୀବକୋଷଗୁଡ଼ିକୁ ଶୁଦ୍ଧ ସତ୍ତ୍ୱରେ ପୂର୍ଣ୍ଣ କରିଦିଅନ୍ତି । ରୋଗ ଜୀବାଣୁଗୁଡ଼ିକୁ ନଷ୍ଟ କରିଦିଅନ୍ତି ଓ ଜୀବକୋଷଗୁଡ଼ିକୁ ଶକ୍ତି ପ୍ରଦାନ କରନ୍ତି । ଆଧ୍ୟାତ୍ମିକ ତରଙ୍ଗ ହେଉଛି ସର୍ବୋତ୍ତମ ଜୀବାଣୁନାଶକ ଶକ୍ତି । ତାହା ଅଲଟ୍ରା ଭାୟୋଲେଟେ କିରଣ ଠାରୁ ମଧ୍ୟ ଅଧିକ ଶକ୍ତିଶାଳୀ । ଯେଉଁମାନେ ରୋଗରୁ ଆରୋଗ୍ୟ ହେବା ପାଇଁ ମନ୍ତ୍ର ଜପ କରିବେ ସେମାନେ ପେଟ ଖାଲିଥିବା ଅବସ୍ଥାରେ ସକାଳ ସନ୍ଧ୍ୟାରେ ନିୟମିତ ରୂପେ ଚାଳିଶ ଦିନ ପର୍ଯ୍ୟନ୍ତ ମନ୍ତ୍ର ଜପ କରିବା ବିଧେୟ । ଏହି ସମୟରେ ବ୍ରହ୍ମଚର୍ଯ୍ୟ ପାଳନ କରିବା, ଦୁଗ୍ଧାହାର, ଫଳାହାର କରିବା ବା ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରିବା ଉଚିତ । ଶୀଘ୍ର ଆଧ୍ୟାତ୍ମିକ ଉନ୍ନତି ଲାଭ ପାଇଁ ନିର୍ଦ୍ଧାରିତ ସଂଖ୍ୟାରେ କୌଣସି ମନ୍ତ୍ର ଜପ କରିବାକୁ ପୁରଶ୍ଚରଣା କରାଯାଏ । ଧାରାବାହିକ ମନ୍ତ୍ର ପୁରଶ୍ଚରଣ ଦ୍ୱାରା ମୋକ୍ଷ ଲାଭ ହୁଏ । ମନ୍ତ୍ରର ଅର୍ଥ ହେଉଛି - 'ମନନ ତ୍ରାଣ ଧର୍ମାଣୋ ମନ୍ତ୍ରଃ ।' ମନ୍ତ୍ରାର୍ଥ ମଞ୍ଜରୀରେ ଏହି ସୂତ୍ରରେ ମନ୍ତ୍ରର ସମସ୍ତ ଜ୍ଞାନ-ବିଜ୍ଞାନ ସନ୍ନିହିତ । ଶ୍ରଦ୍ଧା ଏବଂ ନିଷ୍ଠା ସହିତ ମନ୍ତ୍ରର ମନନ ଏବଂ ଚିନ୍ତନ ଦ୍ୱାରା ପରମାତ୍ମାଙ୍କ ସିଂହାସନ ଟଳମଳ ହୋଇଯାଏ ଏବଂ ସେ ପ୍ରକଟ ହୋଇଥାନ୍ତି । ଏହା ଦୁର୍ବଳତା ଏବଂ ଅଭାବକୁ ଦୂର କରି ମୁକ୍ତିର ପଥ ପ୍ରଶସ୍ତ କରିଥାଏ । ମନ୍ତ୍ର ଦ୍ୱାରା ଏକ ଦିଗରେ ଭୌତିକ ସୁଖସମ୍ପଦ ମିଳେ ଏବଂ ଅନ୍ୟ ଦିଗରେ ଆତ୍ମିକ ସମୃଦ୍ଧିର ଲାଭ ମଧ୍ୟ ମିଳିଥାଏ । ଏହା ଲୌକିକ ବିଜ୍ଞାନ ଏବଂ ଆତ୍ମିକଜ୍ଞାନର ଅମୋଘ ସାଧନ ଅଟେ । ମନ୍ତ୍ରରେ ଜଣେ ନିଜର ଇଷ୍ଟ ବା ଗୁରୁଙ୍କର ମନନ ବା ଧ୍ୟାନ କରିଥାଏ । ସେ ଯେଉଁ ମନ୍ତ୍ରର ସାଧନା କରନ୍ତି ସେହି ମନ୍ତ୍ରର ଗୁଣ, ଧର୍ମ ଅନୁରୂପ ତାଙ୍କର ବୃତ୍ତି ହୋଇଥାଏ । ମନ୍ତ୍ର ଜପ କେବଳ ଜିହ୍ୱାର ପ୍ରକ୍ରିୟା ନୁହେଁ । ମନ୍ତ୍ର ଜପରେ ହୃଦୟର ଭାବନା ସମନ୍ୱିତ ନହେଲେ ଜିହ୍ୱା ଦ୍ୱାରା ଉଚ୍ଚାରଣ କରାଯାଉଥିବା ମନ୍ତ୍ର ଆଶାଜନକ ପ୍ରଭାବ ଉତ୍ପନ୍ନ କରିପାରେ ନାହିଁ । ପ୍ରତ୍ୟେକ ମନ୍ତ୍ରରେ 'ଅ' କାରରୁ 'କ୍ଷ' କାରନ୍ତ ପର୍ଯ୍ୟନ୍ତ ମାତୃକା ରୂପେ ସନ୍ନିତା । ତେଣୁ ଜଣେ ସାଧକ ବା ମନ୍ତ୍ର ଅଭ୍ୟାସ କରୁଥିବା ବ୍ୟକ୍ତି ଯେକୌଣସି ମନ୍ତ୍ରକୁ ଯଥାଯଥ ଭାବରେ ସାଧନ କରିବାର ଲକ୍ଷ୍ୟ ଚରମରେ ପରାଶକ୍ତି ସାହାଯ୍ୟରେ ବ୍ରହ୍ମପ୍ରାପ୍ତି ହୁଏ ।


**+ସହକାରୀ ପ୍ରଫେସର, ଶରୀରତତ୍ତ୍ୱ ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ**

E-mail : rchandrakantamishra666@gmail.com


# ଝାଳଦୁର୍ଗନ୍ଧ ଦୂର୍ ପାଇଁ....



ଖରାଦିନେ ଶରୀରରୁ ପ୍ରବଳ ଝାଳ ନିର୍ଗତ ହେଉଥିବାରୁ ଅଜବ ଦୁର୍ଗନ୍ଧ ହୋଇଥାଏ । ଏହି ଦୁର୍ଗନ୍ଧ ପାଇଁ ଅନେକ ସମୟରେ ଅନ୍ୟମାନଙ୍କ ସାମ୍ନାରେ ଲଜ୍ଜିତ ହେବାକୁ ପଡ଼ିଥାଏ ଏବଂ ଅସହଜ ଅନୁଭୂତ ହୁଏ । ଏଥିପଶଇଁ ଅନେକ ଲୋକ ସୁଗନ୍ଧିତ ପରଫ୍ୟୁମ କିମ୍ବା ଡିଓର ବ୍ୟବହାର କରନ୍ତି । ଚାହିଁଲେ, କିଛି ଘରୋଇ ଉପାୟ ଆପଣାଇ ଏହି ଚିନ୍ତାକୁ ଦୂର କରିପାରିବେ ।



## କାହିଁକି ଶରୀର ଦୁର୍ଗନ୍ଧ ହୁଏ ?

ଶରୀରରୁ ଦୁଇଟି କାରଣ ଯୋଗୁ ଦୁର୍ଗନ୍ଧ ଆସିଥାଏ । ପ୍ରଥମ ଝାଳ ଏବଂ ଦ୍ୱିତୀୟଟି ବ୍ୟାକ୍ଟେରିଆ । ପ୍ରକୃତରେ ଶରୀରର ତାପମାତ୍ରା ସନ୍ତୁଳିତ ରହିବାରୁ ଅତ୍ୟଧିକ ଝାଳ ନିର୍ଗତ ହୋଇଥାଏ; ଯାହାଦ୍ୱାରା ଶରୀରରୁ ଦୁର୍ଗନ୍ଧ ବାହାରେ । ସେହିପରି ଆପୋକ୍ରାଇନ୍ ଗ୍ରନ୍ଥିର ଉତ୍ସର୍ଜନ ଦ୍ୱାରା ବ୍ୟାକ୍ଟେରିଆ ବଢ଼ିବାରେ ଲାଗିଥାନ୍ତି । ଏହି ବ୍ୟାକ୍ଟେରିଆ ଶରୀରରେ ଏମିନୋ ଏସିଡର ନିର୍ମାଣ କରନ୍ତି, ଯେଉଁ କାରଣରୁ ଶରୀରରୁ ପ୍ରବଳ ଦୁର୍ଗନ୍ଧ ବାହାରିଥାଏ ।

## ଦୁର୍ଗନ୍ଧ ଦୂର ପାଇଁ ଟିପ୍ସ

ପରିଷ୍କାର ପରିଚ୍ଛନ୍ନ ରହିବା, ସୂତା କପଡ଼ାର ବ୍ୟବହାର , ପ୍ରଚୁର ପାଣି ପିଇବା ତଥା ତରଭୁଜ, ଅଙ୍ଗୁର ଏବଂ କାକୁଡ଼ି ଭଳି ଜଳୀୟ ଅଂଶ ଥିବା ଫଳ ସେବନ କରିବା ଏବଂ ଅତ୍ୟଧିକ ମସଲାଯୁକ୍ତ ଖାଦ୍ୟଠାରୁ ଦୂରେଇ ରହିବା ।

## ଘରୋଇ ଉପାୟ :-

ଲେମ୍ବୁରସ : ଶରୀରର ଯେଉଁ ଅଂଶରୁ ପ୍ରଚୁର ଝାଳ ନିର୍ଗତ ହେଉଛି, ସେଠାରେ ଲେମ୍ବୁ ରସକୁ ଭଲଭାବେ ମାଲିସ୍ କରନ୍ତୁ । ପ୍ରକୃତରେ, ଲେମ୍ବୁରେ ପ୍ରାକୃତିକ ଏସିଡର ଗୁଣ ଥିବାରୁ ଏହା ତ୍ୱଚାକୁ ପରିଷ୍କାର କରିବା ସହ ଶରୀରରୁ ବ୍ୟାକ୍ଟେରିଆ ଆତଙ୍କକୁ ହ୍ରାସ କରିଥାଏ । ଏହାଦ୍ୱାରା ଦୁର୍ଗନ୍ଧ ଦୂର ହୋଇଯାଏ ।

# ଦିଲ୍ଲୀର ଚକୋଲେଟ୍ ସିଙ୍ଗଡ଼ା



ରାଜଧାନୀ ଦିଲ୍ଲୀରେ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପର୍ଯ୍ୟଟକଙ୍କ ଭିଡ଼ ରୀତିମତ ଦେଖିବାକୁ ମିଳେ । ବିଭିନ୍ନ ଦର୍ଶନୀୟ ସ୍ଥାନ ସହ ଦିଲ୍ଲୀର ସୁଆଦିଆ ବ୍ୟଞ୍ଜନମାନ ମଧ୍ୟ ଗ୍ରାହକଙ୍କ ମୁଖ୍ୟ ଆକର୍ଷଣ । ସ୍ୱାଧୀନତା ପୂର୍ବର ଦୋକାନଗୁଡ଼ିକର ଲମ୍ବା ଧାଡ଼ି ଏଠାରେ ଦେଖିବାକୁ ମିଳେ । ଦିଲ୍ଲୀର ମୋତି ନଗରସ୍ଥିତ ମିଲନ୍ ସିମୋ ହଲ୍ ପାଖର 'କୁମାର ସମୋସେୱାଲେ'ର ଦୋକାନ । ୩୧ ବର୍ଷ ପୁରୁଣା ଏଇ ସିଙ୍ଗଡ଼ା ଦୋକାନ କେବଳ ଲକ୍-ଡାଉନ୍ ସମୟରେ ପ୍ରଥମଥର ଜନଶୂନ୍ୟ ହୋଇଥିଲା । ନଚେତ୍ କି ଖରା, ବର୍ଷା, ଶୀତ ସକାଳ ୯ଟାରୁ ରାତି ୧୧ ପର୍ଯ୍ୟନ୍ତ ଦୋକାନରେ ଲାଗିରହିଥାଏ ଭିଡ଼ । ବର୍ତ୍ତମାନ କରୋନା ସମୟରେ ଗ୍ରାହକ ଅନ୍-ଲାଇନ୍ ବରାଦ୍ କରୁଛନ୍ତି । ଦୋକାନର ମୁଖ୍ୟ ଆକର୍ଷଣ ହେଉଛି 'ଚକୋଲେଟ୍ ସମୋସେ' । ଦୈନିକ ୧୦-୧୨ ହଜାର ଟଙ୍କାର ଏଇ ସୁଆଦିଆ ସିଙ୍ଗଡ଼ା ବିକ୍ରି ହେଉଥିବାର କର୍ମଚାରୀ କହିଛନ୍ତି । ମୋଟ୍ ୨୫ ପ୍ରକାରର ସିଙ୍ଗଡ଼ା ଏହି ଦୋକାନରେ ବ୍ରିକ୍ରି ହେଉଥିବାବେଳେ 'ପନିର୍ ସମୋସା', 'ମଲାଇ ଚାପ୍ ସମୋସା', 'ତନ୍ଦୁରୀ ସମାସୋ'ର ଆଦର ମଧ୍ୟ କିଛି କମ୍ ନୁହେଁ । କିଙ୍ଗ୍ ଖାନ୍ ଶାହରୁଖ ଦିଲ୍ଲୀ ଆସିବା ମାତ୍ରେ ଏଇ ଦୋକାନରୁ ରୀତିମତ ସିଙ୍ଗଡ଼ା ତାଙ୍କ ଘରକୁ ବରାଦ୍ ହୋଇଯାଉଥିବାର ଦୋକାନ ମାଲିକ କହିଛନ୍ତି । ଗତବର୍ଷ ସଲ୍‌ମାନ ଖାନ୍‌ଙ୍କ ଘରେ ଦୀପାବଳି ପାର୍ଟି ପାଇଁ ମଧ୍ୟ ତାଙ୍କ ଦୋକାନରୁ ଚକୋଲେଟ୍ ସିଙ୍ଗଡ଼ା, ତନ୍ଦୁରୀ ସିଙ୍ଗଡ଼ା ବରାଦ୍ ହୋଇଯାଇଥିବାର ଜଣାପଡ଼ିଛି ।

## ଗଜାମୁଖ ଖାଆନ୍ତୁ, ସୁସ୍ଥ ରହନ୍ତୁ

ଗଜାମୁଗ ଏସବୁ ହେଉଛି ପୋଷଣର ଗନ୍ତାଘର । ଏଥିରେ ପ୍ରୋଟିନ, ଖଣିଜଲବଣ, ଶ୍ୱେତସାର, ଭିଟାମିନ୍ ଓ ଅଳ୍ପ ପରିମାଣର ଅତ୍ୟାବଶ୍ୟକ ଏସିଡ୍ ରହିଛି । ପ୍ରତ୍ୟେକ ଦନ ଗଜାମୁଗ ଖାଇଲେ ଅନ୍ୟ କୌଣସି ଟନିକ, ଭିଟାମିନ୍, ପ୍ରୋଟିନ୍ ଓ ଖଣିଜ ଲବଣର ଆବଶ୍ୟକତା ପଡ଼ିବନି । ଏକ ପରୀକ୍ଷଣରୁ ଜଣାପଡ଼ିଛି ଯେ ଏକ କପ ଗଜା ସୋୟାବିନରେ ଯେତିକି ପରିମାଣରେ ଭିଟାମିନ୍ ସି ରହିଛି, ଛ'ଗ୍ଲାସ କମଳା ରସରେ ସେତିକି ଭିଟାମିନ୍ ନଥାଏ । ଗୋଟିଏ କିଲୋଗ୍ରାମ ଅଟାରେ ପୋଷକତତ୍ତ୍ୱ ଯେତିକି ରହିଥାଏ, ତାହାଠାରୁ ଅଧିକ ଭିଟାମିନ୍ ଗଜା ଗହମରେ ରହିଥାଏ । ଏହାସବୁ ପ୍ରକାରର ଶସ୍ୟ ଓ ଡାଲିଜାତୀୟ ଖାଦ୍ୟରେ ରହିଥାଏ ।




# ଶୀତଦିନିଆ ଖାଦ୍ୟରେ ଅଣ୍ଡାର ଆବଶ୍ୟକତା

**ପରିବେଶ ଅନୁସାରେ ଖାଦ୍ୟପାନୀୟ ବାବଦରେ କେତୋଟି କଥା ଆମେ ଜାଣି ରଖିବା ଉଚିତ । ଶୀତରେ ଉଷୁମ ଖାଦ୍ୟ ଖାଇବା ଶରୀର ପାଇଁ ଭଲ ହୋଇଥିବାବେଳେ ଖାଦ୍ୟତାଲିକା ଅନୁସାରେ ଖାଇବା ଏଇ ଦିନେ ଜରୁରୀ । ବିଶେଷଜ୍ଞଙ୍କ ମତରେ ଥଣ୍ଡା ଜଳବାୟୁରେ ରୀତିମତ ଅଣ୍ଡା ଖାଇବା ଆବଶ୍ୟକ ।**

♦ଅନେକଙ୍କ ଧାରଣା ଯେ ଅଣ୍ଡାର ହଳଦିଆ ଅଂଶ ଖାଇଲେ କୋଲେଷ୍ଟର୍ ସ୍ତର ବଢ଼େ । ଏଇ ହଳଦିଆ ଭାଗରେ ପ୍ରଚୁର ପରିମାଣରେ ପ୍ରୋଟିନ୍ ଥିବାବେଳେ କିଶୋର, ଯୁବପିଢ଼ି ଖାଇବା ସେମାନଙ୍କ ଶରୀର ବିକାଶରେ ସହାୟକ ହୋଇଥାଏ । ବୟସ୍କ ପିଢ଼ି ଅଣ୍ଡାର ହଳଦିଆ ଅଂଶ ସହଜରେ ହଜମ କରିପାରିନଥାନ୍ତି ।

♦ଓଜନ କମ୍ କରିବାକୁ ଚାହୁଁଥିଲେ, ପ୍ରତିଦିନ ଗୋଟିଏ ସିଝା ଅଣ୍ଡା ଜଳଖିଆରେ ଖାଇପାରିବେ । ଅଣ୍ଡା ଏଭଳି ଏକ ଖାଦ୍ୟ, ଯାହା ଜଳଖିଆ, ଦ୍ୱିପହର ଓ ରାତ୍ରିଭୋଜନ, ସମସ୍ତ ସମୟରେ ଖାଇହେବ ।

♦ଓମଲେଟ୍ ତିଆରି କରିବା ସମୟରେ ସେଥିରେ ବିଭିନ୍ନ ପ୍ରକାର ପରିବା ଯେପରି ଗାଜର, ବିନ୍ସ, ପିଆଜ ମିଶାଇ ତାହାର ପୋଷକତତ୍ତ୍ୱ ବଢ଼ାଇପାରିବେ । ଅଣ୍ଡାରେ ଥିବା ତତ୍ତ୍ୱ ଆମ ଦୃଷ୍ଟି ଶକ୍ତି



ଓ ମସ୍ତିଷ୍କ ଅଭିବୃଦ୍ଧିରେ ସହାୟକ ହୁଏ ।

♦ଅଣ୍ଡାର ଧଳା ଅଂଶରେ ମଧ୍ୟ ଭିଟାମିନ୍ସ, ପ୍ରୋଟିନ୍ ଭରପୂର ଥିବାବେଳେ ରକ୍ତଚାପ କମ୍ କରିବାରେ ସାହାଯ୍ୟ କରୁଥିବାର ବିଶେଷଜ୍ଞଙ୍କ ମତ । ଆମ ସିନେଜଗତର ତାରକାମାନେ ସୁସ୍ଥ ଜୀବଶୈଳୀ ନିମନ୍ତେ ପ୍ରତିଦିନ ଅଣ୍ଡା ଖାଇଥାନ୍ତି ।

♦ଶରୀରରେ ଭିଟାମିନ୍ ଡି ଜନିତ ଅଭାବ ଦେଖାଯାଉଥିଲେ, ଅଣ୍ଡା ହିଁ ଆପଣଙ୍କ ପାଇଁ ଏକ ମୁଖ୍ୟ ଖୋରାକ୍ । ତ୍ୱଚାରେ ବୟସର ଛାପ କମ୍ କରିବା ନିମନ୍ତେ ଅଣ୍ଡା ଶରୀରକୁ ପୋଷକତତ୍ତ୍ୱ ଯୋଗାଇଥାଏ ।



# କମଳା ଚୋପାରେ ସୌନ୍ଦର୍ଯ୍ୟ ଚର୍ଚ୍ଚା

❖କମଳା ଚୋପା ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି କରେ । ଏହି ଗୁଣ୍ଡ ୧ ଚାମଚ, ବେସନ ଅଧ ଚାମଚ, ଦହି ନେଇ ତ୍ୱଚାରେ ପ୍ୟାକ୍ ଭଳି ଲଗାଇ ୨୦ ମିନିଟ୍ ପରେ ନଖ ଉଷୁମ ପାଣିରେ ଧୋଇନେବେ । ନିୟମିତ ଏହି ପ୍ୟାକ୍ ଲଗାଇଲେ ତ୍ୱଚାରୁ ସମସ୍ତ ଦାଗ ଦୂର ହୁଏ ।

❖ଶୀତରେ ତ୍ୱଚା ଶୁଷ୍କ ସମସ୍ୟା ଅଧିକ ବଢ଼େ । ଏଥିରୁ ରକ୍ଷା ପାଇବା ନିମନ୍ତେ ୧ ଚାମଚ କମଳା ଚୋପା ଗୁଣ୍ଡ, ନଡ଼ିଆ ତେଲ ଅଧ ଚାମଚ, ଖିର ମିଶାଇ ତ୍ୱଚାରେ ଲଗାଇ ଶୁଖିବା ପରେ ଧୁଅନ୍ତୁ । ତ୍ୱଚା ପାଇଁ ଏହି ପ୍ୟାକ୍ ପ୍ରାକୃତିକ ମଏଶ୍ଚରାଇଜର୍ ଭଳି କାମ କରେ ।


❖କମଳା ରସରେ ମହଜୁଦ୍ ଥିବା ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ତ୍ୱଚାର ଭାଙ୍ଗ ସମସ୍ୟା ଦୂର କରିବା ସହ ବୟସର ଛାପ କମ୍ କରେ । ସପ୍ତାହରେ ୨-୩ ଥର କମଳା ରସ ତ୍ୱଚାରେ ଲଗାଇବା ଭଲ ।

❖୧ ଚାମଚ ମୁଲତାନି ମାଟି, ଅଧ ଚାମଚ କମଳା ଚୋପା ଗୁଣ୍ଡକୁ କଞ୍ଚା ଖିରରେ ମିଶାଇ ତ୍ୱଚାରେ ଲଗାଇଲେ ସନ୍-ଟ୍ୟାନ୍ ତ୍ୱଚାରୁ ଦୂର ହୋଇଥାଏ । ଖରାରୁ ଆସିବା ପରେ ତ୍ୱଚାରେ ଏହି ପ୍ୟାକ୍ ଲଗାଇପାରନ୍ତି ।


❖କମଳା ଚୋପା ଗୁଣ୍ଡରେ ଟମାଟୋ ରସ ମିଶାଇ ତ୍ୱଚାରେ ଲଗାଇଲେ ବ୍ରଣ ସମସ୍ୟାରୁ ମୁକ୍ତି ମିଳେ । ସପ୍ତାହରେ ୨ ଥର ଏଇ ପ୍ୟାକ୍ ଲଗାଇଲେ ବ୍ରଣ କମ୍ ହୁଏ ।







ଶୀତଦିନେ କମଳା ଫଳର ବିକ୍ରି ବଢ଼େ । ଭିଟାମିନ୍ ସି' ତତ୍ତ୍ୱ ଭରପୂର ଏଇ ଫଳ ଖାଇବା ଓ ଏହାର ରସ ପିଇବା ଉଭୟ ସ୍ୱାସ୍ଥ୍ୟ ପାଇଁ ଭଲ । କମଳା ଫଳ ପରି ଏହାର ଚୋପା ମଧ୍ୟ ବେଶ୍ ଗୁଣକାରୀ । ଚୋପାକୁ ନ ଫିଙ୍ଗି ଖରାରେ କିଛିଦିନ ଶୁଖାଇବେ । ପରେ ଏହି ଶୁଖିଲା ଚୋପାକୁ ଗୁଣ୍ଡକରି ଏୟାର୍-ଟାଇଟ୍ ଡବାରେ ଭର୍ତ୍ତି କରି ଫ୍ରିଜ୍‌ରେ ରଖିବେ ।





## ସ୍ୱାସ୍ଥ୍ୟ ଟିପ୍ସ

ଘିକୁଆଁରୀ ଏକ ଉପକାରୀ ବୃକ୍ଷ । ଏହାର ରସ ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ । ପ୍ରତି ଦିନ ସକାଳୁ ଘିକୁଆଁରୀ ରସ ପାନ କଲେ, ଦେହ ସୁସ୍ଥ ରହିବା ସହ ଶରୀର ଥଣ୍ଡା ରହେ । ଏହାର ରସ କେଶରେ ଲଗାଇଲେ କେଶ କଳା ଏବଂ ଗହଳ ହୁଏ । କେଶ ଝଡ଼ିବା ମଧ୍ୟ ବନ୍ଦ ହୁଏ । ଏହା ସହନ-ଶକ୍ତି ବୃଦ୍ଧିକାରୀ । ଶିଶୁଙ୍କ କ୍ଷେତ୍ରରେ ଘିକୁଆଁରୀ ରସ ମହୌଷଧିର କାର୍ଯ୍ୟ କରିଥାଏ । ପ୍ରତିଦିନ ଘିକୁଆଁରୀ ରସ ସେବନ କଲେ ପାଚନ ଶକ୍ତି ବଢ଼େ । ଏହା ହୃଦ୍‌ରୋଗ, ମଧୁମେହ ଏବଂ ଉଚ୍ଚ ରକ୍ତଚାପ ଭୋଗୁଥିବା ଲୋକଙ୍କ ପାଇଁ ବେଶ୍ ଉପକାରୀ । ଏହାର ବିଷ ହରଣକାରୀ ଶକ୍ତି ଥିବାରୁ ବିଷାକ୍ତ କୀଟ ଦଂଶନ ପରେ କ୍ଷତ ସ୍ଥାନରେ ଲେପ ଦେଲେ ଆରାମ ମିଳେ । ଏହା ମେଦ ହ୍ରାସ କରିବାରେ ସହାୟକ ହୁଏ । ଘିକୁଆଁରୀ ରସ ଲଗାଇଲେ ତ୍ୱଚାରେ ଥିବା ପୁରୁଣା ଦାଗ ଲିଭିବା ସହ ତ୍ୱଚା ମସୃଣ ହୁଏ ।



## କବି ଲକ୍ଷ୍ମୀନାରାୟଣ ହୋତା ପାଇବେ ମହୁରି ସମ୍ମାନ-୨୦୨୦



ଭବାନୀପାଟଣା,୦୮।୧୨ (ନି.ପ୍ର): ଓଡ଼ିଆ ସାହିତ୍ୟର ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକା "ମହୁରି" ପକ୍ଷରୁ ଚଳିତ ବର୍ଷର "ମହୁରି ସମ୍ମାନ" ଘୋଷଣା କରାଯାଇଛି । ଚଳିତ ବର୍ଷ ଏହି ସମ୍ମାନ ପାଇବେ କବି ଲକ୍ଷ୍ମୀନାରାୟଣ ହୋତା । ପ୍ରତିବର୍ଷ ମହୁରିରେ ଲେଖାଲେଖି କରୁଥିବା ଜଣେ ସାହିତ୍ୟିକଙ୍କୁ ଏହି ସମ୍ମାନ ପାଇଁ ମନୋନୀତ କରାଯାଉ ଥିବାବେଳେ ଚଳିତ ବର୍ଷ ଶ୍ରୀ ହୋତାଙ୍କ ନାମକୁ ଚୟନ କମିଟି ସୁପାରିଶ କରିଛି । ଏନେଇ ଘୋଷଣା କରିବା ସହିତ ଆସନ୍ତା ଡ଼ିସେମ୍ବର ୨୭ ତାରିଖରେ ମହୁରି ମହୋତ୍ସବ-୨୦୨୦ରେ ଭବାନୀପାଟଣା ଠାରେ ତାଙ୍କୁ ସମ୍ମାନିତ କରାଯିବ ବୋଲି ମୁଖ୍ୟ ସଂପାଦକ ଭବାନୀଶଙ୍କର ନିଆଲ ଘୋଷଣା କରିଛନ୍ତି । ଗତ ୨୦୦୮ରୁ ନିୟମିତ ପ୍ରକାଶ ପାଇଆସୁଥିବା ଷାଣ୍ମାସିକ ସାହିତ୍ୟ ପତ୍ରିକା "ମହୁରି" ପକ୍ଷରୁ ବିଗତ ବର୍ଷମାନଙ୍କରେ ଲେଖକ ବିଷ୍ଣୁପଦ ସେଠୀ, ଗାଳ୍ପିକ ଓ ଔପନ୍ୟାସିକ ସତ୍ୟପ୍ରିୟ ମହାଳିକ, କବି ସୁଚେତା ମିଶ୍ର, ଗଦ୍ୟ ସାହିତ୍ୟର ବିଶିଷ୍ଟ ବିଦ୍ଧାଣୀ ପ୍ରଫେସର ଆଦିକନ୍ଦ ସାହୁ ଓ ପ୍ରାବନ୍ଧିକ ଚନ୍ଦ୍ରଶେଖର ହୋତା, କବି ଡ଼. ସୁରେଶ ନାୟକ ଏହି ସମ୍ମାନରେ ସମ୍ମାନିତ ହୋଇସାରିଛନ୍ତି ।

# ଜଳେଶ୍ୱରରେ ଭାରତବନ୍ଦର ପ୍ରଭାବ




ଜଳେଶ୍ୱର, ୮/୧୨ (ନି.ପ୍ର) : ଆଜି କୃଷକ, ଶ୍ରମିକ, ସଂଘର୍ଷ ସମନ୍ୱୟ ସମିତି ତରଫରୁ ସର୍ବଭାରତୀୟ ବନ୍ଦ ଡାକରା ଜଳେଶ୍ୱର ଅଂଚଳରେ ଅନୁଭୁତ ହୋଇଛି । କେନ୍ଦ୍ର ସରକାରଙ୍କ ନୂତନ କୃଷୀନିତୀକୁ ବିରୋଧ କରି ଆଜି ଜଳେଶ୍ୱରରେ କଂଗ୍ରେସ ସମେତ ବାମ ଦଳ ଓ ଟ୍ରେଡ୍ ୟୁନିୟ ପକ୍ଷରୁ ସହରର ବିଭିନ୍ନ ଛକରେ ରାସ୍ତାରୋକ କରାଯିବା ସହିତ ସରକାର ବିରୋଧି ସ୍ଲୋଗାନ ଦେଇ ପିକେଟିଂ କରିଥିଲେ । ଷ୍ଟେସନବଜାର ଛକନିକଟରେ କଂଗ୍ରେସ ପକ୍ଷରୁ ନଗର କଂଗ୍ରେସ ସଭାପତି ରିଆଜ ଖାଁ, ହେମନ୍ତ ଗିରି, ଜଗଦୀଶ ନନ୍ଦି, ରାଜୀବ ପରିଡା, ସୁନିଲ ପରିଡା, ସତ୍ୟସୁନ୍ଦର ଦାସ, ଗିରିଜା ଶଂକର ଦାସ, ସବ୍ୟସାଚୀ ଦାସ, ଗୋପାଳ କୃଷ୍ଣ ଜେନା, ସପନ ଜେନା, ଦେବ ନନ୍ଦୀ. ବିଭୁରେନ୍ଦ୍ର ଦେ, ସୁଶାନ୍ତ ଦେ, ସେକ୍ ସୁଲତାନ, ସୁଧିର ମହାନ୍ତି, ମମତାଜ ଖାଁ ପ୍ରମୁଖ ରାସ୍ତାରୋକରେ ସାମିଲ ହୋଇଥିଲେ । ସେହିପରି ବଡବଜାର ଛକଠାରେ ସିପିଏମ୍ ପକ୍ଷରୁ ଦିଲ୍ଲିପ ଗିରିଙ୍କ ନେତୃତ୍ୱରେ ସୀତାଂଶୁ ସେନାପତି, ଦିପ୍ତିମାନ ଆଚାର୍ଯ୍ୟ, ଜିତାଂଶୁ ନନ୍ଦି, ପ୍ରକାଶ ଦେ, ଯତିନ୍ ଜେନା, ପଲ୍ଟୁ ଦାସ, ଦିଲ୍ଲିପ ପରିଡା, ରତନ ଦାସ, ସେକ୍ ଅବଦୁଲ ସାଦ୍ଦିକ, ମଦନ ମହାଲି ପ୍ରମୁଖ ଧାରଣାରେ ବସିବା ସହିତ ତ୍ରୁଟିପୂର୍ଣ୍ଣ କଳାଆଇନ୍ ପ୍ରତ୍ୟାହାର ଏବଂ କୃଷକ ମାନଙ୍କ ହକ୍‌ଦାବି କରିଥିଲେ । ଅନୁରୂପଭାବେ ସୀମାନ୍ତ ଲକ୍ଷ୍ମଣନାଥ ଟୁଲପ୍ଲାଜା ନିକଟରେ କୃଷକ ନେତା ରବିନ୍ଦ୍ର ବାରିକଙ୍କ ନେତୃତ୍ୱରେ କମଳ ଚକ୍ରବର୍ତ୍ତୀ, ବସନ୍ତ ପ୍ରଧାନ, ନିଖିଲ ଜେନା, ନରେନ୍ ସିଂ, ନିରୋଜ ବେହେରା, ଅଜୟ ପଲେଇ, କାଳୀଚରଣ ସେନାପତି ପ୍ରମୁଖ ୬୦ନଂ ଜାତୀୟ ରାଜପଥକୁ ବନ୍ଦ କରିଥିଲେ । ସେହିପରି ସୁଗୋ ଏବଂ ଡେମୁରିଆଠାରେ ଜୀବନ ପରିଡା, ମମି ପଣ୍ଡା, ଚନ୍ଦନ ସତପଥି, ରାଜକୁମାର ଦାସ, ଦିଲ୍ଲିପ ସତପଥି, ବିଶ୍ୱନାଥ ଦଳାଇ ପ୍ରମୁଖ ରାସ୍ତାରୋକ କରି ଯାନବାହନ ବନ୍ଦ କରିବା ସହିତ ଜୀବନଯାତ୍ରା ବ୍ୟାହତ ହୋଇଥିଲା ।

## ଭାରତୀୟ ଉପକୂଳରେ ଭାସମାନ ଜେଟିକୁ ପ୍ରୋତ୍ସାହନ

ପାରାଦୀପ,୦୮।୧୨ (ନି.ପ୍ର): କେନ୍ଦ୍ର ବନ୍ଦର ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ଭାସମାନ ସଂରଚନ ବୈଷୟିକ ନିର୍ଦ୍ଦିଷ୍ଟ କରଣ ପାଇଁ ଚିଠା ନିୟମାବଳୀ ସଂକଳନ ଜାରୀ କରିଛି । ଭାରତୀୟ ଉପକୂଳରେ ବିଶ୍ୱସ୍ତରୀୟ ଭାସମାନ ଭିତ୍ତିଭୂମୀ ସ୍ଥାପନ ଏବଂ ନିୟୋଜନ ପାଇଁ ମନ୍ତ୍ରଣାଳୟ ପକ୍ଷରୁ ଯୋଜନା ରହିଛି । ଏଥିପାଇଁ ଜନସାଧାରଣଙ୍କ ପରାମର୍ଶ ଆହ୍ୱାନ କରାଯାଇଛି । ସୂଚନାଯୋଗ୍ୟ, ଭାସମାନ ସଂରଚନା ବନ୍ଦୋବସ୍ତ କରିବା ସହଜସାଧ୍ୟ । ସାଧାରଣତଃ ପାରମ୍ପରିକ ସଂରଚନା ପାଇଁ ୨ବର୍ଷ ସମୟ ସୀମା ଲଙ୍ଘଙ୍କରଥିବା ବେଳେ ଭାସମାନ ସଂରଚନ ମାତ୍ର ୬ରୁ ୮ମାସ ମଧ୍ୟରେ ନିର୍ମିତ ହୋଇଥାଏ । ଏହା ପରିବେଶ ଅନୁକୂଳ ତଥା ବୃହତ ଜୁଆର ହେଉଥିବା ସ୍ଥାନ ଗୁଡିକ ନିମନ୍ତେ ଏହା ସୁବିଧା ଜନକ । ଏହା ଦ୍ୱାରା ସ୍ଥାନୀୟ ମତ୍ସ୍ୟଜିବୀ ମାନଙ୍କ ସୁରକ୍ଷା ମଧ ସୁନିଶ୍ଚିତ ହୋଇଥାଏ । ବର୍ତ୍ତମାନ ୮୦ରୁ ଅଧିକ ଭାସମାନ ଜେଟି ସାବରମତୀ ନଦୀ ଓ ସରଦାର ସରୋବର ଡ୍ୟାମ ଠାରେ ହୋଇଥିବା ୱାଟର ଏରୋଡ୍ରମ ଡାଚାଂରେ ବିକାଶ ପାଇଁ ସରକାର ଯୋଜନା ରଖିଛନ୍ତି । ଏଥିପାଇଁ ଆଇଆଇଟି ଚେନାଇ କୁ ଦାୟିତ୍ୱ ଦିଆଯାଇଛି । ଯିଏକି ଏହି ଚିଠା ନିର୍ଦ୍ଦେଶାବଳୀ ଗୁଡିକ ଏଚ୍‌ଟିଟିପି:/ / ଶିପମିଙ୍ଗ୍ ଡଟ୍ ଗଭ୍ ଡଟ୍ ଇନ୍‌ରେ ମିଳିପାରିବ । ଏହାପାଇଁ ଡିସେମ୍ବର ୧୨ତାରିଖ ସୁଦ୍ଧା ନିଜର ମତାମତ ଇମେଲ ସାଗର ଡଟ୍ ମାଳା ଆଟ୍‌ଦିରେଟ୍ ନିକ୍ ଡଟ୍ ଇନ୍ ଜରିଆରେ ପଠାଇ ପରିବ ବୋଲି ପାରାଦୀପ ବନ୍ଦର ଲୋକ ସଂପର୍କ ବିଭାଗ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ।

## ସୁନ୍ଦରଗଡ଼ ଜିଲ୍ଲାରେ ଭାରତ ବନ୍ଦର ପ୍ରଭାବ

ରାଉରକେଲା,୦୮।୧୨ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲାରେ ମଧ ଭାରତ ବନ୍ଦ୍ ର ପ୍ରଭାବ ଦେଖିବାକୁ ମିଳିଛି । ରାଉରକେଲାରେ ଶ୍ରମିକ ସଂଗଠନ ଗୁଡିକ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଜାରୀ ରହିଛି । ରାଉରକେଲାରେ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି । ବଣାଇର କୋଇଡ଼ା, ରକ୍ସି, ରଜାମୁଣ୍ଡା, ଫୁଟୁଗାଁରେ ଶହ ଶହ ସଂଖ୍ୟାରେ ଆନ୍ଦୋଳନକାରୀ ମାନେ ରାସ୍ତା ଅବରୋଧ କରିଛନ୍ତି ।

## ଭାରତୀୟ ଉପକୂଳରେ ଭାସମାନ ଜେଟିକୁ ପ୍ରୋତ୍ସାହନ

ପାରାଦୀପ,୦୮।୧୨ (ନି.ପ୍ର): କେନ୍ଦ୍ର ବନ୍ଦର ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ଭାସମାନ ସଂରଚନ ବୈଷୟିକ ନିର୍ଦ୍ଦିଷ୍ଟ କରଣ ପାଇଁ ଚିଠା ନିୟମାବଳୀ ସଂକଳନ ଜାରୀ କରିଛି । ଭାରତୀୟ ଉପକୂଳରେ ବିଶ୍ୱସ୍ତରୀୟ ଭାସମାନ ଭିତ୍ତିଭୂମୀ ସ୍ଥାପନ ଏବଂ ନିୟୋଜନ ପାଇଁ ମନ୍ତ୍ରଣାଳୟ ପକ୍ଷରୁ ଯୋଜନା ରହିଛି । ଏଥିପାଇଁ ଜନସାଧାରଣଙ୍କ ପରାମର୍ଶ ଆହ୍ୱାନ କରାଯାଇଛି । ସୂଚନାଯୋଗ୍ୟ, ଭାସମାନ ସଂରଚନା ବନ୍ଦୋବସ୍ତ କରିବା ସହଜସାଧ୍ୟ । ସାଧାରଣତଃ ପାରମ୍ପରିକ ସଂରଚନା ପାଇଁ ୨ବର୍ଷ ସମୟ ସୀମା ଲଙ୍ଘଙ୍କରଥିବା ବେଳେ ଭାସମାନ ସଂରଚନ ମାତ୍ର ୬ରୁ ୮ମାସ ମଧ୍ୟରେ ନିର୍ମିତ ହୋଇଥାଏ । ଏହା ପରିବେଶ ଅନୁକୂଳ ତଥା ବୃହତ ଜୁଆର ହେଉଥିବା ସ୍ଥାନ ଗୁଡିକ ନିମନ୍ତେ ଏହା ସୁବିଧା ଜନକ । ଏହା ଦ୍ୱାରା ସ୍ଥାନୀୟ ମତ୍ସ୍ୟଜିବୀ ମାନଙ୍କ ସୁରକ୍ଷା ମଧ ସୁନିଶ୍ଚିତ ହୋଇଥାଏ । ବର୍ତ୍ତମାନ ୮୦ରୁ ଅଧିକ ଭାସମାନ ଜେଟି ସାବରମତୀ ନଦୀ ଓ ସରଦାର ସରୋବର ଡ୍ୟାମ ଠାରେ ହୋଇଥିବା ୱାଟର ଏରୋଡ୍ରମ ଡାଚାଂରେ ବିକାଶ ପାଇଁ ସରକାର ଯୋଜନା ରଖିଛନ୍ତି । ଏଥିପାଇଁ ଆଇଆଇଟି ଚେନାଇ କୁ ଦାୟିତ୍ୱ ଦିଆଯାଇଛି । ଯିଏକି ଏହି ଚିଠା ନିର୍ଦ୍ଦେଶାବଳୀ ଗୁଡିକ ଏଚ୍‌ଟିଟିପି:/ / ଶିପମିଙ୍ଗ୍ ଡଟ୍ ଗଭ୍ ଡଟ୍ ଇନ୍‌ରେ ମିଳିପାରିବ । ଏହାପାଇଁ ଡିସେମ୍ବର ୧୨ତାରିଖ ସୁଦ୍ଧା ନିଜର ମତାମତ ଇମେଲ ସାଗର ଡଟ୍ ମାଳା ଆଟ୍‌ଦିରେଟ୍ ନିକ୍ ଡଟ୍ ଇନ୍ ଜରିଆରେ ପଠାଇ ପରିବ ବୋଲି ପାରାଦୀପ ବନ୍ଦର ଲୋକ ସଂପର୍କ ବିଭାଗ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ।

## ଏସୟୁସିଆଇ ସଦର ଶାଖା ପକ୍ଷରୁ ବନ୍ଦ




ବାଲେଶ୍ୱର,୦୮।୧୨ (ନି.ପ୍ର): ଚାଷୀ ସଂଗଠନଙ୍କ ଆହ୍ୱାନ କ୍ରମେ ବାଲେଶ୍ୱରରେ ପାଳିତ ଭାରତ ବନ୍ଦ ସମର୍ଥନରେ ଶ୍ରମିକ ସଂଗଠନ 'ଏସୟୁସିଆଇ' ବାଲେଶ୍ୱର ସଦର ଶାଖା ପକ୍ଷରୁ ବିଭିନ୍ନ ସ୍ଥାନରେ ପିକେଟିଂ କରାଯାଇଥିଲା । ସଦର କମିଟିର ସମ୍ପାଦକ ଉମାକାନ୍ତ ଦାସଙ୍କ ନେତୃତ୍ୱରେ ବହୁ ସଦସ୍ୟ ବଜାରର ବିଭିନ୍ନ ସ୍ଥାନରେ ପିକେଟିଂ ସହ ଦୋକାନ, ବ୍ୟବସାୟ ପ୍ରତିଷ୍ଠାନ ଆଦି ବନ୍ଦ କରିଥିଲେ । କେନ୍ଦ୍ର ସରକାରଙ୍କ କୃଷି ଆଇନକୁ ବିରୋଧ କରି ବିଭିନ୍ନ ସ୍ଲୋଗାନ ସମ୍ବଳିତ ପ୍ଲା କାଡ଼ ପ୍ରଦର୍ଶନ କରିଥିଲେ । ବାଲେଶ୍ୱର ପୌର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପିକେଟିଂ ପରେ ପରେ ସେମାନେ ମୋତିଗଞ୍ଜ ବଜାରର ଦୋକାନଗୁଡ଼ିକୁ ବନ୍ଦ କରିଥିଲେ । ଏସୟୁସିଆଇ ଜିଲ୍ଲା କାର୍ଯ୍ୟକାରିଣୀ କମିଟି ସଦସ୍ୟ ରବୀନ୍ଦ୍ର ବେହେରା, କେଶବ ନାୟକ, ରମେଶ ଜେନା, କୃଷ୍ଣ ପଟ୍ଟନାୟକ, ପ୍ରଶାନ୍ତ ଦାସ, ସୁଦର୍ଶନ ବାରିକ ପ୍ରମୁଖ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ ।

# ବାଲେଶ୍ୱରରେ ପବିତ୍ର ପ୍ରଥମାଷ୍ଟମୀ



ବାଲେଶ୍ୱର,୦୮।୧୨ (ନି.ପ୍ର): ଉତ୍କଳୀୟ ସଂସ୍କୃତିର ଅନ୍ୟତମ ପର୍ବ ପବିତ୍ର ପ୍ରଥମାଷ୍ଟମୀ ସହରଠାରୁ ପୁରପଲ୍ଲୀ ପର୍ଯ୍ୟନ୍ତ ଶ୍ରଦ୍ଧାର ସହ ମଙ୍ଗଳବାର ଦିନ ପାଳିତ ହୋଇଯାଇଛି । ଗତ ଏପ୍ରିଲ ମାସରୁ କରୋନା କଟକଣା ପାଇଁ ଅନ୍ୟାନ୍ୟ ପର୍ବପର୍ବାଣୀ ଫିକା ପଡ଼ିଯାଇଥିଲେ ବି ପ୍ରଥମାଷ୍ଟମୀ ପାଳନରେ କିଛି ପ୍ରଭାବ ପଡ଼ି ନଥିବା ଲକ୍ଷ୍ୟ କରାଯାଇଥିଲା । ଏହି ପର୍ବକୁ ଲୋକେ ଘରେ ଘରେ ପାଳନ କରୁଥିଲେ । ପ୍ରଥମ ପୁଅଝିଅଙ୍କ ସମେତ ପରିବାରର ମଙ୍ଗଳ କାମନା କରି ଲୋକେ ମନ୍ଦିରର ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ । ଏନେଇ ସହରର ମନ୍ଦିରମାନଙ୍କରେ ସକାଳଠାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ବେଶ୍ ଗହଳି ପରିଲକ୍ଷିତ ହୋଇଥିଲା । ତେବେ କୋଭିଡ୍ ନିୟମକୁ ପାଳନ ପୂର୍ବକ ଲୋକେ ପଜାର୍ଚ୍ଚନା କରୁଥିଲେ । ସେହିଭଳି ପ୍ରତ୍ୟେକଙ୍କ ଘରେ ଷଠୀ ମାଆଙ୍କଠାରେ ହଳଦୀ ପତ୍ରରେ ପିଠା ଭୋଗ ଦେଇ ନୂଆଲୁଗା ପୂଜା ପରେ ପରିବାରର ପ୍ରଥମ ପୁଅଝିଅଙ୍କୁ ପିନ୍ଧିବାକୁ ଦିଆଯାଇଥିଲା । ଏମିତିକି ବହୁ ଘରର ବିବାହିତା ଜ୍ୟେଷ୍ଠକନ୍ୟା କିମ୍ବା ବଡ଼ ଜ୍ୱାଇଁଙ୍କ ପାଇଁ ବି ପ୍ରଥମାଷ୍ଟମୀରେ ନୂଆଲୁଗା ପ୍ରଦାନ କରାଯାଇଥିଲା । କାହିଁ କେଉଁ କାଳରୁ ଏହି ପରମ୍ପରା ଚଳିଆସୁଛି । ପ୍ରତ୍ୟେକଙ୍କ ଘରେ ଆଜି ପିଠାପଣା ଖିରି ମିଠା ଆଦି ସୁସ୍ୱାଦୁ ଖାଦ୍ୟ ସାଙ୍ଗକୁ ଉତ୍ସବର ମାହଲ ବେଶ ବାରିହୋଇ ପଡୁଥିଲା ।

## ବିଭିନ୍ନ ସଂଗଠନ ତରଫରୁ ଭୁବନରେ ଭାରତ ବନ୍ଦ

ଭୁବନ,୦୮।୧୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ନୂତନ କୃଷିନୀତିକୁ ବିରୋଧ କରି କୃଷକ ସଂଗଠନ ତରଫରୁ ଦିଆଯାଇଥିବା ଭାରତ ବନ୍ଦ ଡାକରାକୁ ସମର୍ଥନ ଜଣାଇ ଭୁବନରେ ବନ୍ଦ ପାଳନ କରାଯାଇଥିଲା । ଭୁବନ କୃଷକ ସମାଜ ତରଫରୁ ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ବନ୍ଦ ପାଳନ କରାଯାଇଥିଲା ବେଳେ ୫୩ ନମ୍ବର ଜାତୀୟ ରାଜପଥର କାଳୀବଜାର ଛକରେ ସହିଦ ବାଜିରାଉତଙ୍କ ପ୍ରତିମୂର୍ତ୍ତି ନିକଟରେ କଂଗ୍ରେସ ଦଳ,କୃଷକ ବିକାଶ ପରିଷଦ ଓ ଭୀମ ଆର୍ମି ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇ କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି କରାଯାଇଥିଲା । ଦୋକାନବଜାର ଖୋଲା ଥିବା ବେଳେ ବସ ଚଳାଚଳ ବନ୍ଦ ଥିଲା ଓ କେତେକ ଲାଇନ ଟ୍ରକ ଅଟକି ରହିଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଭୁବନ ଥାନା ଆଇଆଇସି ଜିତେନ୍ଦ୍ର ସାହୁ ଙ୍କ ସମେତ ଏଏସଆଇ ରମେଶ ଚନ୍ଦ୍ର ସ୍ୱାଇଁ,ନୀଳକଣ୍ଠ ପାତ୍ର,ପ୍ରଭାତ ନାୟକ ପ୍ରମୁଖ ସଜାଗ ରହିଥିଲେ ।

# କେନ୍ଦ୍ରମନ୍ତ୍ରୀଙ୍କ ସହ 'ଫିଉଚର ବାଲେଶ୍ୱର'ର କର୍ମକର୍ତ୍ତାଙ୍କ ଆଲୋଚନା



ବାଲେଶ୍ୱର,୦୮।୧୨ (ନି.ପ୍ର): ସମାଜସେବାକୁ ଜିଲାସ୍ତରରେ ପହଞ୍ଚାଇବା ଉଦ୍ଦେଶ୍ୟରେ ନବଗଠିତ ସ୍ୱେଚ୍ଛାସେବୀ ସଂଗଠନ 'ଫିଉଚର ବାଲେଶ୍ୱର'ର ଏକ ପ୍ରତିନିଧି ଦଳ ମଙ୍ଗଳବାର ଦିନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ସାକ୍ଷାତ ସହ ଜିଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି । ସଂଗଠନର କର୍ମକର୍ତ୍ତା ବରିଷ୍ଠ ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ, ଶ୍ରମିକ ନେତା ଦୁକୁଲୁ ଚନ୍ଦ୍ର ଘଡ଼େଇ, ବିଜୟ କୁମାର ପ୍ରଧାନ ପ୍ରମୁଖ ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀଙ୍କୁ ସ୍ଥାନୀୟ ସର୍କିଟ ହାଉସରେ ଭେଟି ଶେରଗଡ଼ରୁ ଝରଣାଘାଟୀ ପର୍ଯ୍ୟନ୍ତ ୪ଟିକିଆ ରାସ୍ତା ନିର୍ମାଣ ଓ ଜାତୀୟ ରାଜପଥର ଗଉଡୁଣୀ ପୋଖରୀ ଛକରୁ ଶେରଗଡ଼ ମଧ୍ୟରେ ଅଣ୍ଡର ପାସ୍ ନିର୍ମାଣ ପ୍ରକଳ୍ପ ପାଇଁ୧୨୫ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ମଞ୍ଜୁରକୁ ନେଇ ସଂଗଠନର କର୍ମକର୍ତ୍ତାମାନେ ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀଙ୍କୁ କୃତଜ୍ଞତା ଜଣାଇଥିଲେ । ଏଥି ସହିତ ଅମୃତ ଯୋଜନାରେ ସାମିଲ ହୋଇଥିବା ବାଲେଶ୍ୱର ସହରରେ ପବ୍ଲିକ ପାର୍କ ନିର୍ମାଣ ପାଇଁ ସ୍ଥାନ ଚୟନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ସମ୍ପର୍କରେ ମଧ୍ୟ ସେମାନେ ଆଲୋଚନା କରିଥିଲେ । ସହର ଉପକଣ୍ଠ ୧୬ ନଂ ଓ ୬୦ ନଂ ଜାତୀୟ ରାଜପଥର ସଂଯୋଗ ସ୍ଥଳ ନହରପାଟଣାଠାରେ ଥିବା ସରକାରୀ ଜାଗାରେ ପାର୍କ ନିର୍ମାଣ ପାଇଁ ଫିଉଚର ବାଲେଶ୍ୱରର କର୍ମକର୍ତ୍ତାମାନେ ପ୍ରସ୍ତାବ ଦେଇଥିଲେ । ଏହି ଜମି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅଧୀନରେ ଥିବା ବେଳେ ଏନେଇ ଉଚିତ ପଦକ୍ଷେପ ନେବାକୁ ସେମାନେ ନିବେଦନ କରିଥିଲେ । ଏହି ଅବସରରେ ସେମାନେ ଏକ ସ୍ମାରକପତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ । ତେବେ ଆଗାମୀ ଦିନରେ ଉଚିତ ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ ସଂଗଠନର କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

## କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୩ ଗିରଫ

ଭୁବନେଶ୍ୱର,୦୮।୧୨ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ୧ଟି ମାମଲା ରୁଜୁ କରିଛି । ସେହିପରି ପୋଲିସ ଗତ ୨୪ ଘଂଟାରେ ୧୩ ଜଣଙ୍କୁ ଗିରଫ କରିଥିବା ବେଳେ ୬୩୪ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୪,୮୫,୩୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ବାଲେଶ୍ୱରରେ ....

ଅନ୍ୟାନ୍ୟ ସେକ୍ଟର ଭଳି କୃଷି କ୍ଷେତ୍ରକୁ କର୍ପୋରେଟରଙ୍କ ହାତକୁ ଟେକିଦେବା ପାଇଁ କେନ୍ଦ୍ର ସରକାର ନୂତନ କୃଷି ଆଇନ ପ୍ରଣୟନ କରିଥିବା ସେମାନେ ମତ ପ୍ରକାଶ କରିଥିଲେ । ତୁରନ୍ତ ଏହି ଆଇନ୍‌କୁ ସରକାର ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଥିଲେ । ସହର ରାସ୍ତାରେ ଛୋଟମୋଟ ଯାନବାହନ ଯାତାୟତ କରୁଥିଲେ ମଧ୍ୟ ବସ, ଟ୍ରକ୍, ଟ୍ରେକର ଓ ଅଟୋ ପ୍ରଭୃତି ଚଳାଚଳ ବନ୍ଦ ଥିଲା । ବାଲେଶ୍ୱର ଶ୍ରମିକ ସଂଗଠନ ସମନ୍ୱୟ ସିମିତିର ଆନୁକୂଲ୍ୟରେ ହୋଇଥିବା ଏହି ବନ୍ଦ ପାଳନକୁ ବିଭିନ୍ନ ଦଳର ରାଜନେତା ଓ ସଂଗଠନର କର୍ମକର୍ତ୍ତା ତଥା ସଦସ୍ୟମାନେ ପରିଚାଳନା କରିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

## ରାଜ୍ୟରେ ....

ଅଟୋ ଓ ଟ୍ୟାକ୍ସି ଚଳାଚଳ ମଧ୍ୟ ବନ୍ଦ ରହିଥିଲା । ରାଜ୍ୟର କିଛି ଜିଲ୍ଲାରେ ଭାରତ ବନ୍ଦ ସଫଳ ହୋଇଥିବା ବେଳେ କିଛି କିଛି ଜିଲ୍ଲାରେ ଭାରତ ବନ୍ଦର କୌଣସି ପ୍ରଭାବ ପଡ଼ି ନଥିବା ଦେଖାଯାଇଥିଲା । ବ୍ରହ୍ମପୁର, ବାଲେଶ୍ୱର, ନବରଙ୍ଗପୁରରେ ଭାରତ ବନ୍ଦର କମ ପ୍ରଭାବ ରହିଥିବା ବେଳେ କଟକ ଏବଂ ଭୁବନେଶ୍ୱରରେ କିଛି ସମୟ ପାଇଁ ରେଳରୋକ କରାଯାଇଥିଲା । ଭୁବନେଶ୍ୱର ବରମୁଣ୍ଡା ଓ କଟକ ବାଦାମବାଡ଼ି ବସଷ୍ଟାଣ୍ଡରୁ ବସ ଚଳାଚଳ ବନ୍ଦ ରହିଥିଲା । ଭୁବନେଶ୍ୱର ରେଳ ଷ୍ଟେସନରେ ବାମଦଳଗୁଡ଼ିକ ପକ୍ଷରୁ ରେଳରୋକ କରାଯାଇଥିଲା । ଫଳରେ ଷ୍ଟେସନରେ ବହୁ ଦୂରଗାମୀ ଟ୍ରେନ୍ ଅଟକି ରହିଥିଲା । ଏଥିସହ ରାଜଧାନୀର ପଳାଶୁଣି ଓ ଜୟଦେବ ବିହାରଠାରେ ବିକ୍ଷୋଭକାରୀମାନେ ରାସ୍ତାରୋକ କରିଥିଲେ । କଂଗ୍ରେସ ପକ୍ଷରୁ ଭୁବନେଶ୍ୱରରେ ଏକ ବାଇକ ରାଲି କରାଯାଇଥିଲା । ୧୬ଟି ପ୍ରମୁଖ କୃଷକ ସଂଗଠନମାନଙ୍କୁ ନେଇ ଗଠିତ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି, ଓଡ଼ିଶା ଶାଖା ସାରା ରାଜ୍ୟରେ ଆଜିର ଆନ୍ଦୋଳନରେ ସାମିଲ ହୋଇଥିଲା । ଓଡ଼ିଶାରେ ଏହି ବନ୍ଦକୁ ୧୫ଟି ବାମ, ଧର୍ମନିରପେକ୍ଷ ଏବଂ ଗଣତାନ୍ତ୍ରିକ ରାଜନୈତିକ ଦଳ, ସମସ୍ତ କେନ୍ଦ୍ରୀୟ ଟ୍ରେଡ ୟୁନିୟନ, ସ୍ୱାଧୀନ ଫେଡ଼େରେସନ ଏବଂ ବିଭିନ୍ନସ୍ତରର ଶ୍ରମିକ କର୍ମଚାରୀ, ଯୁବ, ଛାତ୍ର, ମହିଳା ଏବଂ କୃଷି ଶ୍ରମିକ ସଂଗଠନମାନେ ସମର୍ଥନ ଜଣାଇଥିଲେ । ସମସ୍ତ କୃଷକ ସଂଗଠନ, କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନ ସମୂହ ଏବଂ ରାଜନୈତିକ ଦଳମାନଙ୍କର ଏକ ମିଳିତ ଶୋଭାଯାତ୍ରା ରାଜମହଲ ଛକଠାରୁ ବାହାରି ମହାତ୍ମା ଗାନ୍ଧୀ ମାର୍ଗଠାରେ ପହଂଚିବା ପରେ ମୋଦି ସରକାରର କୃଷକ ବିରୋଧୀ କୃଷି ଆଇନ୍ ରଦ୍ଦ କରିବା ଦାବୀରେ ଆଇନ ଅମାନ୍ୟ ଆନ୍ଦୋଳନ କରି ଗିରଫ ହୋଇଥିଲେ ।

ସେହିପରି ଏହି ଭାରତ ବନ୍ଦକୁ ସମର୍ଥନ କରି ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ ଓ ଏହାର କୃଷକ ସଂଗଠନ ଅଲ ଇଣ୍ଡିଆ ଅଗ୍ରଗାମୀ କିଷାନ ସଭା, ଶ୍ରମିକ ସଂଗଠନ ଟ୍ରେଡ଼ ୟୁନିୟନ କୋର୍ଡ଼ିନେସନ ସେଂଟର (ଟିୟୁସିସି) ପକ୍ଷରୁ ସାରା ଓଡ଼ିଶାରେ ସଫଳ କରିବା ପାଇଁ ରାଜ୍ୟ ତମାମ ପିକେଟିଂ କରାଯାଇଥିଲା । ଆଜି ଭୋର ସମୟ ପ୍ରାୟ ୫ ଘଟିକା ୪୫ ମିନିଟ ସମୟରୁ ଫରୱାର୍ଡ଼ ବ୍ଲକର ରାଜ୍ୟ ସାଧାରଣ ସଂପାଦକ ଜ୍ୟୋତି ରଂଜନ ମହାପାତ୍ର, କୃଷକ ନେତା ଜିତେନ୍ଦ୍ରୀୟ ବେହେରା, ଯୁବ ନେତା ନାରାୟଣ ଡ଼ାଲୁଆ, ପ୍ରଦୀପ ଦାସ, ବିଭୂତି ଭୂଷଣ ମହାପାତ୍ର , ଅଶୋକ କୁମାର ପହୀ, କୃଷକ ନେତା ଅମିନ ଭୋଇ ପ୍ରମୁଖଙ୍କ ନେତୃତ୍ୱରେ ଭୁବନେଶ୍ୱର ରେଳ ଷ୍ଟେସନରେ ପହଂଚି ରେଳରୋକ ଆନ୍ଦୋଳନ ସଂଗଠିତ କରିଥିଲେ । ଫଳରେ ଦୀର୍ଘ ସମୟ ଧରି ଜନଶତାବ୍ଦି ଏକ୍ସପ୍ରେସ୍, ବଲାଙ୍ଗିର ଇଟଂର ସିଟି, ସାଲିମାର ଏକ୍ସପ୍ରେସ୍ ସମେତ ମାଲ୍ ପରିବାହି ରେଳ ଗାଡ଼ିଗୁଡ଼ିକ ଅଟକି ରହିଥିଲା । ପ୍ରାୟ ଏକଘଂଟାରୁ ଉର୍ଦ୍ଧ୍ୱ ସମୟ ଧରି ରେଳ ରୋକ ଆନ୍ଦୋଳନ ଫଳରେ ଭୁବନେଶ୍ୱର ରେଳ ଷ୍ଟେସନ ଅଚଳ ହୋଇପଡ଼ିଥିଲା । ପରେ ରିଜର୍ଭ ବ୍ୟାଙ୍କ, ଷ୍ଟେଟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରାଯିବା ସହ ବିଭିନ୍ନ କେନ୍ଦ୍ର ସରକାରଙ୍କ ଦପ୍ତରଗୁଡ଼ିକ ସମ୍ମୁଖରେ ମଧ ଭାରତ ବନ୍ଦ ସପକ୍ଷରେ ପିକେଟିଂ କରାଯାଇଥିଲା ।

## ବନ୍ଦ ସଂପୂର୍ଣ୍ଣ ରୂପେ ...

ଆଜି କୃଷକ ମାନଙ୍କ ଦ୍ୱାରା ଡାକରା ଦିଆଯାଇଥିବା ଭାରତ ବନ୍ଦ ସଂପୂର୍ଣ୍ଣ ରୁପେ ସଫଳ ହୋଇଛି । ରାଜ୍ୟ କଂଗ୍ରେସ ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ନିର୍ଦ୍ଦେଶ କ୍ରମେ ଜିଲ୍ଲା କଂଗ୍ରେସ, ବ୍ଲକ କଂଗ୍ରେସ ଏବଂ ରାଜ୍ୟ କଂଗ୍ରେସର ପ୍ରତ୍ୟେକ ପ୍ରକୋଷ୍ଠ ଏବଂ ଛାମୁଆ ସଂଗଠନର କର୍ମକର୍ତା ତଥା କଂଗ୍ରେସ କର୍ମୀ ଓ ସମସ୍ତେ ଏ ବନ୍ଦକୁ ସଫଳ କରିଥିବାରୁ ଧନ୍ୟବାଦ ଦେଇଛନ୍ତି । ଆଜି ସକାଳେ ଭୁବନେଶ୍ୱରର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାସଙ୍କ ନେତୃତ୍ୱରେ ଏକ ରାଲି କଂଗ୍ରେସ ଭବନରୁ ବାହାରି ରାଜମହଲ ଛକ ପର୍ଯ୍ୟନ୍ତ ଯାଇଥିଲା । ମାଷ୍ଟର କ୍ୟାଂଟିନ୍ ଠାରେ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀ ଜୟଦେବ ଜେନା, ପୂର୍ବତନ ମନ୍ତ୍ରୀ ତଥା ଜଟଣୀ ବିଧାୟକ ଶ୍ରୀ ସୁରେଶ ରାଉତରାୟ, ଉପସଭାପତି ଶ୍ରୀ ପ୍ରଦିପ ମାଝୀ, ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପଂଚାନନ କାନୁନ୍‌ଗୋ, ଶିବାନନ୍ଦ ରାୟ, କଟକ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ମାନସ ଚୌଧୁରୀ, ସୁଭେନ୍ଦୁ ମହାନ୍ତି, ନବଜ୍ୟୋତି ପଟ୍ଟନାୟକ, ସଂଗ୍ରାମ ଜେନା, ରାଜ୍ୟ ମହିଳା ଉପସଭାପତି ରଶ୍ମୀ ମହାନ୍ତି କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଏହି ବନ୍ଦକୁ ସଫଳ କରିବାରେ ସାମିଲ ଥିଲେ । ନବନିଯୁକ୍ତ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନାବଜ୍‌ଙ୍କ ନେତୃତ୍ୱରେ ଏକ ବିଶାଳ ବାଇକ୍ ରାଲି ଭୁବନେଶ୍ୱରର ବିଭିନ୍ନ ଅଂଚଳ ପରିକ୍ରମା କରିଥିଲା । ଶ୍ରୀ ପଟ୍ଟନାୟକ ଓଡ଼ିଶାବାସୀଙ୍କୁ ତାଙ୍କର ଏହି ବନ୍ଦକୁ ସଫଳ କରାଇବାରେ ଯେଉଁ ସହଯୋଗ କରିଛନ୍ତି ସେଥିପାଇଁ ସେ ତାଙ୍କର କୃତଜ୍ଞତା ଓଡ଼ିଶାବାସୀଙ୍କୁ ଜଣାଇଛନ୍ତି ।

## ଜଳେଶ୍ୱରର ୧୨ ନଂ ୱାର୍ଡର ଅଙ୍ଗନୱାଡିରେ ସ୍ୱେଟର ଓ ଜୋତା ବଣ୍ଟନ



ଜଳେଶ୍ୱର, ୮/୧୨ (ନି.ପ୍ର) : ସରକାର ଅଙ୍ଗନୱାଡି ପିଲାମାନଙ୍କୁ ସୁଷମ ଖାଦ୍ୟ ସହିତ ପୋଷାକ ପ୍ରଦାନ କରିଥାନ୍ତି । ଏବେ ଶୀତ ଦିନ ଆସିଥିବାରୁ ଶୀତବସ୍ତ୍ର ଓ ଜୋତା ବଣ୍ଟନ କରାଯାଉଥିବା ଜଣାଯାଇଛି । ଜଳେଶ୍ୱର ମ୍ୟୁନିସିପାଲଟିର ୧୨ନଂ ୱାର୍ଡ ନୂଆବଜାର ଓ ଧାରାଷ୍ଟକ ଅଂଗନୱାଡି କେନ୍ଦ୍ରରେ ୩ରୁ୬ବର୍ଷର ପିଲାମାନଙ୍କୁ ଆଇସିଡିଏସ୍ ପକ୍ଷରୁ ସ୍ୱେଟର, ବୁଟ୍, ଓ ସକ୍ସ ପ୍ରଦାନ କରାଯାଇଛି । ଅଙ୍ଗନୱାଡି କେନ୍ଦ୍ରର ଶିକ୍ଷକ ମିନତୀ ସାହୁ , ଇପ୍‌ସିତା ମଣ୍ଡଳ ଓ ହେଲ୍ପର ଆଶାଲତା ନନ୍ଦି ଉପସ୍ଥିତ ରହି ପିଲାମାନଙ୍କୁ ସ୍ୱେଟର, ବୁଟ୍, ଓ ମୋଜା ପ୍ରଭୃତି ବଣ୍ଟନ କରାଯାଇଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଖୁସିର ଲହରି ଦେଖା ଦେଇଛି ।

## ରାୟଗଡା ବକ୍ଲର ୫୬ ଜଣ କୁଷ୍ଠ ରୋଗରୁ ଆରୋଗ୍ୟ ହୋଇଥିବା ବ୍ୟକ୍ତିଙ୍କୁ ଗୃହ ଉପଯୋଗୀ ଉପକରଣ ବଣ୍ଟନ



ରାୟଗଡା,୦୮।୧୨ (ନି.ପ୍ର): ରାୟଗଡା ପଞ୍ଚାୟତ ସମିତି ପରିସରରେ କୁଷ୍ଠ ରୋଗ ରୁ ଆରୋଗ୍ୟ ଲାଭ କରିଥିବା ୫୬ ଜଣ ହିତାଧିକାରୀଙ୍କୁ ଘରୋଇ ଉପକରଣ ବଣ୍ଟନ କରାଯାଇଅଛି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ତରଫରୁ ଏଥି ନିମନ୍ତେ ୩୩ ଟି ପ୍ରକାରର ୫୧ ଟି ଉପକରଣ ସମ୍ବଳିତ କିଟ୍ ପ୍ରତ୍ୟେକ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତି ଙ୍କୁ ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ରାୟଗଡା ନିର୍ବାଚନ ମଣ୍ଡଳୀ ର ବିଧାୟକ ଶ୍ରୀ ମକରନ୍ଦ ମୁଦୁଲି ଯୋଗ ଦେଇ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତି ଙ୍କୁ ସରକାରଂକ ମୁଖ୍ୟ ସ୍ରୋତରେ ସାମିଲ୍ ହେବା ନିମନ୍ତେ ଉତ୍ସାହିତ କରିଥଲେ । ବିଧାୟକ ମୁଦୁଲି କହୁଥିଲେ ଆମେ କୁଷ୍ଠ ରୋଗ କୁ ଘୃଣା କରିବା କିନ୍ତୁ ରୋଗୀ ଙ୍କୁ ନୁହଁ ବୋଲି ମତ ପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ଭାବରେ ରାୟଗଡା ବକ୍ଲ ଅଧ୍ୟକ୍ଷ ପେଦେଣ୍ଟି ରାମୁଲୁ, ରାୟଗଡା ବକ୍ଲ ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ରାଜେନ୍ଦ୍ର ମାଝୀ , ବକ୍ଲ ଉପାଧ୍ୟକ୍ଷ ମିନତୀ ବାଟିଲି , ଜିଲ୍ଲା ପରିଷଦ ସଦସ୍ୟା ଅମ୍ବିକା ବିଡିକା , ପ୍ରମୁଖ ମଞ୍ଚାଶିନ ଥିଲେ । ଏହି ଅବସରରେ ଦିବ୍ୟାଙ୍ଗ ଙ୍କୁ ଶ୍ରବଣ ଯନ୍ତ୍ର ମଧ ବଣ୍ଟନ କରାଯାଇଥିଲା ରାୟଗଡା ବକ୍ଲ ର ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଅଜିତ କୁମାର ହୋତା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସାମାଜିକ ସୁରକ୍ଷା ବିଭାଗ ର ପି ଶ୍ରୀକାନ୍ତ ଓ ସମୀର ପଦକା ଉପକରଣ ବଣ୍ଟନ ରେ ସହଯୋଗ କରିଥିଲେ । ବଣ୍ଟନ ଉପକରଣ ସାଧାରଣ ଜୀବନରେ ଅଧିକ ଉପାଦୟ ହେବ ବୋଲି ହିତାଧିକାରୀ ମାନେ ପ୍ରକାଶ କରିଥିଲେ ।

ବୁଧବାର,୦୯ ଡିସେମ୍ବର ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ରାୟଗଡ଼ା ଜିଲ୍ଲାରେ ବିଭିନ୍ନ ବାମପନ୍ଥୀ ଦଳ ପକ୍ଷରୁ ଭାରତ ବନ୍ଦ ପାଳନ

ରାୟଗଡ଼ା ,୦୮।୧୨ (ନି.ପ୍ର): ରାୟଗଡା ଜିଲ୍ଲା ରେ ଆଜି ଦେଶ ବ୍ୟାପି ଚାଲିଥିବା କେନ୍ଦ୍ର ସରକାରଙ୍କ ଜାତୀୟ କୃଷି ନିତିକୁ ବିରୋଧ କରି ଭାରତ ବନ୍ଦକୁ ସମର୍ଥନ କରି ଇଓଉଈଟ, ଇଓଝଇ, ଇଓଇଖଇଏବଂ ଇଓକଗଝ, ଉଚଓ(ଗଖ) ବାମପନ୍ଥୀ ଦଳ ଗୁଡିକ କେନ୍ଦ୍ର ସରକାରଙ୍କ ବିରୋଧ ରେ ଜିଲ୍ଲାର ରାୟଗଡ଼ା, ଗୁଣୁପୁର, କାଶୀପୁର, କୋଲନରା, ରାମାନାଗୁଡ଼ା, ପଦ୍ମପୁର, ମୁନିଗୁଡ଼ା, ବିଷମକଟକ, ଚନ୍ଦ୍ରପୁର ତଥା ଗୁଡ଼ାରୀ ଓ ବହୁ ସ୍ଥାନରେ ବନ୍ଦ୍ ପାଳନ କରାଯାଇଥିଲା । ହେଲେ ଜିଲ୍ଲାରେ ବନ୍ଦ୍ ପାଳନ ର ଆଂଶିକ ପ୍ରଭାବ ପଡ଼ିଥିବା ଜଣାପଡ଼ିଛି। ସମସ୍ତ ଗାଡ଼ି, ବସ୍ ଚଳାଚଳ ବନ୍ଦ ରହିଥିଲା । ଗୁଣୁପୁର ଠାରେ ଅବସ୍ଥିତ କମ୍ରେଡ଼ ନାଗ ଭୂଷଣ ପଟ୍ଟନାୟକ ଙ୍କ ପ୍ରତିମୂର୍ତ୍ତି ନିକଟ ବାଇ ପାସ ଛକ ଏବଂ ଏସପି ଗୁଡା ଛକଠାରେ ବିଭିନ୍ନ ସ୍ଲୋଗାନ ଦେବା ସହ ରାସ୍ତା ଅବରୋଧ କରିଥିଲେ। କେନ୍ଦ୍ର ସରକାରଙ୍କ ତିନୋଟି କୃଷି ଆଇନ ବିଲ୍‌କୁ ପ୍ରତ୍ୟାହାର କରିବା ନିମନ୍ତେ ଭାରତର ସମସ୍ତ କୃଷକ ସଙ୍ଗଠନ ଦେଇଥିବା ବନ୍ଦ ଡାକରାକୁ ସମର୍ଥନ କରିବା ସହିତ ବାମପନ୍ଥୀ ଦଳଗୁଡିକ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ପ୍ରକାରର ସ୍ଲୋଗାନ ଦେଇ ସହର ପରିକ୍ରମା କରି ଥିଲେ। ବାମପନ୍ଥି ଦଳ ପକ୍ଷରୁ ବିଭିନ୍ନ ପ୍ରକାର ଦାବୀକୁ ସରକାରଂକ ପାଖରେ ପହଞ୍ଚିବା ପାଇଁ ସ୍ଲୋଗାନ ଓ ପ୍ଲାଗ କାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ମୁଖ୍ୟତଃ ଜନବିରୋଧୀ କୃଷି ବିଲ୍ କୁ ପ୍ରତ୍ୟାହାର କରାଯାଉ, କୃଷି କ୍ଷେତ୍ରକୁ କର୍ପୋରେଟର ହସ୍ତକ୍ଷେପକୁ ବନ୍ଦ୍ କରିବା, ମଣ୍ଡି ଉଚ୍ଛେଦ ବ୍ୟବସ୍ଥା ଚଳିବ ନାହିଁ, ଅତ୍ୟାବଶ୍ୟକ ସାମଗ୍ରୀର ସଂଶୋଧନ କାହା ସ୍ୱାର୍ଥ ରେ ହୋଇଛି, କମ୍ପାନୀ ଦ୍ୱାରା ଠିକା ଚାଷ ବ୍ୟବସ୍ଥା ବାତିଲ କର, ଭାଗ ଚାଷୀଙ୍କୁ ଚାଷୀର ମାନ୍ୟତା ପ୍ରଦାନ କରାଯାଉ ଓ ଜନ ବିରୋଧି ବିଦ୍ୟୁତ୍ ସଂଶୋଧନ ବିଲ୍ କୁ ପ୍ରତ୍ୟାହାର କରାଯାଉ ବୋଲି ବିଭିନ୍ନ ଦାବୀ କରି ସ୍ୱର ଉତ୍ତୋଳନ କରିଥିଲେ।

# ବନ୍ଧୁକ ମୁନରେ ଲୁଟିନେଲେ ୭୦ ହଜାର ଟଙ୍କା

## ବାରିପଦା ଦେଉଳି ରୋଡ ଦେବକୀ ଟ୍ରେଡର୍ସ ମାଲିକଙ୍କଠାରୁ ଲୁଟ

ବାରିପଦା,୦୮।୧୨ (ନି.ପ୍ର): ମୟୁରଭ ଜିଲ୍ଲାରେ ଦିନକୁ ଦିନ ବଢିଚାଲିଛି ଲୁଟେରାଙ୍କ ରାଜ। ୭ ତାରିଖ ରାତିରେ ପୁଣି ବାରିପଦା-ଦେଉଳି ରୋଡ଼ କ୍ଷେତ୍ରପାଟଣା ଛକରେ ଥିବା ଦେବକୀ ଟ୍ରେଡର୍ସ ମାଲିକଙ୍କ ଠାରୁ ତିନିଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଲୁଟିନେଇଛନ୍ତି ୭୦ ହଜାର ଟଙ୍କା। ଲୁଟର ଶୀକାର ହୋଇଥିବା ଦୋକାନ ମାଲିକ ଜଣଙ୍କ ହେଲେ ବାରିପଦା ସହରର ଶମ୍ଭୁଦେବ ଖଣ୍ଡେଲୱାଲା। ସୂଚନା ଅନୁଯାୟୀ ଗତକାଲି ୭ତାରିଖ ପାଖାପାଖି ରାତି ୮ ଟା ସମୟରେ ଶମ୍ଭୁଦେବ ନିଜ ରୋଡ଼-ସିମେଂଟ ଗୋଦାମ ବନ୍ଦ କରି ନିଜ



ଚାରିଚାକିଆ ଗାଡ଼ିରେ ଘରକୁ ଆସିବା ସମୟରେ ଦୋକାନ ସମ୍ମୁଖରେ ତିନି ଜଣ ଦୁର୍ବୃତ୍ତ ମୁହଁରେ କପଡା ଗୋଡ଼ାଇ ମଟର ସାଇକେଲରେ ଆସି ବନ୍ଧୁକ ଦେଖାଇ ୭୦ ହଜାର ଟଙ୍କା ଲୁଟିନେଲେ। ଦୁର୍ବୃତ୍ତ ମାନେ ମାଲିକ ଜଣଙ୍କୁ ବନ୍ଧୁକ ମୁନରେ ଆକ୍ରମଣ କରିବା ଫଳରେ ଶମ୍ଭୁଦେବ ଗୁରୁତର ହୋଇଛନ୍ତି। ଗୁରୁତର ଶମ୍ଭୁଦେବଙ୍କୁ ଚିକିତ୍ସା ପାଇଁ ବାରିପଦାର ଏକ ଘୋରୋଇ ନର୍ସିଂହୋମ ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଖବର ପାଇ ବାରିପଦା ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଘଟଣାର ତଦନ୍ତ ଆରମ୍ଭ କରିବା ସହ ଗୋଦାମର ସିସି ଟିଭି ଫୁଟେଜ ଜରିଆରେ ଲୁଟେରାଙ୍କୁ ଖୋଜିବା ଆରମ୍ଭ କରିଛି। ତେବେ ମୟୁରଭ ପୋଲିସ କୁ ଟେଲେ ଦେଇ ଦୁର୍ବୃତ୍ତ ମାନେ ଏକ ମାସ ଭିତରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୧୦ ରୁ ଉର୍ଦ୍ଧ୍ୱ ସ୍ଥାନରୁ ଲୁଟିନେବା ଘଟଣା ପୋଲିସର ମୁଣ୍ଡବ୍ୟଥାର କାରଣ ପାଲଟିଥିବା ବେଳେ ବୁଦ୍ଧିଜିବୀ ମହଲରେ ମଧ୍ୟ ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି।

# ସାମ୍ବାଦିକଙ୍କ ମାତୃ ବିୟୋଗ



ପାରାଦୀପ,୦୮।୧୨ (ନି.ପ୍ର): ପାରାଦୀପରେ କାର୍ଯ୍ୟରତ ସାମ୍ବାଦିକ ଅବଦୁଲ ଆବିଦ୍ ଖାନ୍ ଙ୍କ ମାଆ ମମ୍‌ତାଜ ବିବି (୮୫)ଙ୍କର ତାଙ୍କ ଗାଁ ନିଆଳୀ ଠାରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକମାନେ ତାଙ୍କୁ ନିଆଳୀ ଡାକ୍ତରଖାନା ନେଇ ଯାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମମ୍‌ତାଜ ବିବି ଜଣେ ମେଳାପି ଓ ପରୋପକାରୀ ମହିଳା ଥିଲେ । ତାଙ୍କ ମୃତ୍ୟୁରେ ଗାଁ ଠାରୁ ପାରାଦୀପ ପର୍ଯ୍ୟନ୍ତ ଶୋକର ଛାୟା ଖେଳି ଯାଇଛି । ଦୁଇ ପୁଅ ବୋହୂ, ଚାରି ଝିଅଜ୍ୱାଇଁ, ନାତିନାତୁଣୀ ଙ୍କ ସମେତ ପରିବାର, ବନ୍ଧୁ ବାନ୍ଧବ ମାନଙ୍କ ଉପସ୍ଥିତିରେ ମମ୍‌ତାଜ ବିବି ଙ୍କର ଅଁ'ମ ସଂସ୍କାର କରାଯାଇଥିଲା ।

# ପେଟ୍ରୋଲ ଡିଜେଲ ଦରବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

ବାରିପଦା,୦୮।୧୨ (ନି.ପ୍ର): କେନ୍ଦ୍ର ସରକାରଙ୍କର ଡିଜେଲ ଏବଂ ପେଟ୍ରୋଲ ଉପରେ ବାରମ୍ବାର ମୂଲ୍ୟ ବୃଦ୍ଧି ଏବଂ ରାଜ୍ୟ ସରକାରଙ୍କର ପେଟ୍ରୋଲ ଓ ଡିଜେଲ ଉପରେ ଅତ୍ୟଧିକ ଭାଟ୍ ଆଦାୟ ଯୋଗୁ ଏହାର ପ୍ରଭାବ ସାଧାରଣ ଜନତାଙ୍କ ଉପରେ ପଡ଼ିବା ସହିତ ପରିବହନ ଶ୍ରମିକ ଓ ମାଲିକ ମାନେ ଘୋର ଦୁର୍ଦ୍ଦିନ ଭିତରେ ଗତି କରୁଛନ୍ତି । ଏସିଆ ମହାଦେଶରେ ଓ ଆମ୍ଭ ପଡୋଶୀ ଦେଶ ତଥା ଶ୍ରୀଲଙ୍କା, ବାଙ୍ଗଲାଦେଶ, ମିଆମାର, ପାକିସ୍ଥାନ ଏବଂ ଭୁଟାନ ତୁଳନାରେ ଭାରତ ବର୍ଷରେ ଡିଜେଲ ଓ ପେଟ୍ରୋଲ ମୂଲ୍ୟ ସର୍ବାଧିକ ରହିଛି । ଏହା ଦ୍ୱାରା ମାଲ ପରିବହନ, ଯାତ୍ରୀ ପରିବହନ ବ୍ୟୟ ବହୁଳ ହୋଇଯିବା ସହିତ ନିତ୍ୟ ବ୍ୟବହାର ଜିନିଷର ଦରଦାମ ବଢିବଢ଼ି ଚାଲିଛି ଏବଂ ପରିବହନ ବ୍ୟବସାୟ ଘୋର କ୍ଷତିଗ୍ରସ୍ତ ହୋଇଛି। ତେଣୁ ଏହାର ପ୍ରତିବାଦରେ ସର୍ବଭାରତୀୟ ପରିବହନ ଶ୍ରମିକ ମହାସଂଘର ଡାକରାରେ ଆଜି ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ୱାର୍କସ ୟୁନିୟନ ତରଫରୁ ଏକ ପ୍ରତିବାଦ ସଭା ୟୁନିୟନର ସଭାପତି ଶ୍ରୀ ରଘୁନାଥ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ସଂଘର କାର୍ଯ୍ୟକାରୀ ସଭାପତି ରବି ଗୋସାମୀ, ସି.ଆଇ.ଟି.ୟୁର ମୟୂରଭ ସାଧାରଣ ସମ୍ପାଦକ ଅମଳ ଦେ, ସାଧାରଣ ସମ୍ପାଦକ ମନୋରଂଜନ ପରିଡ଼ା, ସହସମ୍ପାଦକ ଅଶୋକ ଭଦେଓ, ଗଂଗାଧର ସାମଲ, କୋଷାଧକ୍ଷ ଜୟନାରାୟଣ ଷଡ଼ଙ୍ଗୀ, ଷ୍ଟାଣ୍ଡ ସମ୍ପାଦକ ସୁବାସ ତ୍ରିପାଠୀ, ଦାଶରଥ ରାଉତ, ଜୀବନ କୁମାର ମହାକୁଡ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖୁବା ସହିତ କେନ୍ଦ୍ର ଓ ରାଜ୍ୟ ସରକାର ଯଦି ଯଥାଶୀଘ୍ର ଡିଜେଲ ଓ ପେଟ୍ରୋଲ ମୂଲ୍ୟ ହ୍ରାସ ନ କର଼ି ଆଗାମୀ ଦିନରେ ଯୋରଦାର ଆନ୍ଦୋଳନ ପାଇଁ ଡାକରା ଦେବା ସହିତ କୃଷକମାନଙ୍କର ଦିଲ୍ଲୀଠାରେ ଆନ୍ଦୋଳନ ଚାଲିଥିବା ପରିପ୍ରେକ୍ଷୀରେ ଆସ'। କାଲି ଡିସେମ୍ବର ୮ ସର୍ବଭାରତୀୟ ବନ୍ଦକୁ ସମସ୍ତ ପରିବହନ ଶ୍ରମିକ ଓ ମାଲିକମାନଙ୍କୁ ସମର୍ଥନ କରିବାକୁ ଅନୁରୋଧ କରିଥିବାର ଜଣାଯାଇଛି ।




# ଭାଲୁ ଆକ୍ରମଣରେ ଅଯୋଧାରେ ଜଣେ ଆହତ


ନୀଳଗିରି : ,୦୮।୧୨ (ନି.ପ୍ର): ସୋମବାର ରାତିରୁ ଗୋଟାଏ ଭାଲୁ ଅଯୋଧା ଅଞ୍ଚଳର ବାଡ଼ିଆ ଗାଁରେ ପ୍ରବେଶ କରିଥିବା ବେଳେ ମଙ୍ଗଳବାର ଅପରାହ୍ନ ସୁଦ୍ଧା ଭାଲୁଟି ଜଙ୍ଗଲ ମଧ୍ୟକୁ ଯାଇ ନ ପାରିବା ହେତୁ ଗ୍ରାମବାସୀମାନେ ଆତଙ୍କିତ ଅବସ୍ଥାରେ ରହିଥିବା ଜଣାପଡ଼ିଛି । ନୀଳଗିରି ରେଞ୍ଜର ମନୱାର ଖାଁ ଙ୍କ ନିର୍ଦ୍ଦେଶରେ ଫରେଷ୍ଟର ସରୋଜ ପ୍ରଧାନ ବନ କର୍ମଚାରୀଙ୍କୁ ଧରି ଭାଲୁ ଉପରେ ତୀକ୍ଷଣ ଦୃଷ୍ଟି ରଖାଯାଇଛି । ଉକ୍ତ ଭାଲୁ ଆକ୍ରମଣରେ ଗୋପାଳପୁର ଗ୍ରାମର ବାଇଧର ସିଂ ର ପୁଅ ଗୋପାଳ ସିଂ ଆହତ ହୋଇଥିବା ଜଣାପଡ଼ିଛି । ଭାଲୁଟି ବାଡ଼ିଆ ଗ୍ରାମର ଏକ ବାଉଁଶ ବୁଦା ମୂଳରେ ରହିଥିବା ବେଳେ ସନ୍ଧ୍ୟା ସମୟରେ ଭାଲୁଟି ଜଙ୍ଗଲକୁ ପଳେଇ ଯାଇଥିବା ଜଣାପଡ଼ିଛି । ଖବର ପ୍ରଚାରିତ ହେବା ପରେ ଗ୍ରାମବାସୀମାନେ ଆଶ୍ୱସ୍ତି ହୋଇଛନ୍ତି ।

# ନୋସ୍କୋ ମୁଖ୍ୟ କାର୍ଯ୍ୟାଳୟ ଘେରାଓ ୨୨ରେ

ବାଲେଶ୍ୱର,୦୮।୧୨ (ନି.ପ୍ର): ବିଦ୍ୟୁତ୍ କର୍ମଚାରୀ ସଂଘ ସମନ୍ୱୟ ସମିତିର ଆହ୍ୱାନକ୍ରମେ ୫ଟି ଜିଲାରେ କାର୍ଯ୍ୟରତ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ଆସନ୍ତା ୨୨ ତାରିଖ ଦିନ ରେମୁଣା ଗୋଲେଇସ୍ଥିତ ନେସ୍କୋ ମୁଖ୍ୟ ଦପ୍ତରକୁ ଘେରାଉ କରିବା ନେଇ ନିଷ୍ପତି ନେଇଛନ୍ତି। ବିକ୍ଷୋଭ ପ୍ରଦର୍ଶନ ପାଇଁ ନିଷ୍ପତ୍ତି ନେଇଛନ୍ତି। ତା' ପରଦିନଠାରୁ କର୍ତ୍ତୃପକ୍ଷଙ୍କୁ ସମସ୍ତ କ୍ଷେତ୍ରରେ ଅସହଯୋଗ କରାଯିବ ବୋଲି ଏକ ପ୍ରେସ୍ ବିବୃତ୍ତିରେ ସମନ୍ୱୟ ସମିତିର ସାଧାରଣ ସମ୍ପାଦକ ତାରାକାନ୍ତ ପଟ୍ଟନାୟକ ଜଣାଇଛନ୍ତି। ବିଦ୍ୟୁତ୍ ଶ୍ରମିକ କିମ୍ବା ବିଦ୍ୟୁତ୍ ଗ୍ରାହକଙ୍କ ସମସ୍ୟା ସମାଧାନ ନକରି ନେସ୍କୋର ପଦସ୍ଥ ଅଧିକାରୀ ବ୍ୟାପକ ଦୁର୍ନୀତିରେ ଲିପ୍ତଥିବା ସମ୍ପର୍କରେ ସମନ୍ୱୟ ସମିତି ଅଭିଯୋଗ କରିଛି। ଅନ୍ୟପକ୍ଷରେ ନିମ୍ନମାନର ବିଦ୍ୟୁତ୍ ଉପକରଣର ବହୁଳ ବ୍ୟବହାର ଯୋଗୁଁ ବିଦ୍ୟୁତ୍ ଉପଭୋକ୍ତାମାନେ ସଠିକ୍ ସେବା ପାଇ ପାରୁନାହାନ୍ତି। ଫଳରେ ଶ୍ରମିକମାନେ ବିଦ୍ୟୁତ୍ ଗ୍ରାହକମାନଙ୍କ କ୍ରୋଧର ଶୀକାର ହେଉଛନ୍ତି ବୋଲି ଶ୍ରୀ ପଟ୍ଟନାୟକ ଆରୋପ ଉଠାଇଛନ୍ତି। ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶ୍ରମିକ କର୍ମଚାରୀମାନେ ଆସନ୍ତା ୨୨ ତାରିଖରେ ନେସ୍କୋ ମୁଖ୍ୟ ଦପ୍ତର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଓ ତହିଁଆର ଦିନଠାରୁ ଅସହଯୋଗ ଆନ୍ଦୋଳନରେ ସାମିଲ ହେବାକୁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ନିବେଦନ କରିଛନ୍ତି।

# ଗୁଣୁପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ଏବଂ ଗୋଲଡି ସୋଲାର ପ୍ରାଇଭେଟ ଲିମିଟେଡ଼ ମଧ୍ୟରେ ଚୁକ୍ତି ସ୍ୱାକ୍ଷର

ଗୁଣୁପୁର,୦୮।୧୨ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ସଦର ସ୍ଥିତ ଜି.ଆଇ.ଇ.ଟି ବିଶ୍ୱବିଦ୍ୟାଳୟର ଶିକ୍ଷା, ଗବେଷଣା, ପ୍ରଶିକ୍ଷଣ ଏବଂ ନିଯୁକ୍ତି କ୍ଷେତ୍ରରେ ଆଉ ଏକ ମାଇଲ ଖୁଣ୍ଟ ଅତିକ୍ରମ କରିଛି ଓ ଆଜି ସ୍ଥାନୀୟ ଜି.ଆଇ.ଇ.ଟି ବିଶ୍ୱବିଦ୍ୟାଳୟ ଗୁଣୁପୁର ସହ ଗୁଜରାଟର ସୁରଟ ସହରସ୍ଥିତ ଗୋଲଡି ସୋଲାର ପ୍ରାଇଭେଟ ଲିମିଟେଡ଼ ସହ ଚୁକ୍ତି ସ୍ୱାକ୍ଷର କରିଛି ଓ ଏହି ଅବସରରେ କମ୍ପାନୀର ସାଧାରଣ ସମ୍ପାଦକ ଡଃ . ସଚିନ ଏ ବର୍ମା, ଜି.ଆଇ.ଇ.ଟି ବିଶ୍ୱବିଦ୍ୟାଳୟ ଗୁଣୁପୁର ର ରେଜିଷ୍ଟ୍ରାର ଡଃ . ଏନ. ଭି. ଜେ. ରାଓଙ୍କ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷର ହୋଇଥିଲା । ଏହି ଚୁକ୍ତି ଦ୍ୱାରା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରଶିକ୍ଷଣ ନେବା, ଗବେଷଣା କରିବା ସହ ନିଜର ଅ'ର୍ନିହିତ ଗୁଣାବଳୀର ବିକାଶ ହୋଇ ପାରିବ ବୋଲି ମତ ପ୍ରକାଶ ପାଇଥିଲା ।ଡଃ . ସଚିନ ଏ ବର୍ମା କହିଥିଲେ ଯେ ଏହି ଚୁକ୍ତି ଦ୍ୱାରା କମ୍ପାନୀ ଏବଂ ବିଶ୍ୱବିଦ୍ୟାଳୟ ମଧ୍ୟରେ ଯେଉଁ ଅ'ର ଅଛି, ତାହା ନିଶ୍ଚିତ ଭାବରେ ପୂରଣ ହୋଇପାରିବ ଏବଂ ଅଧିକରୁ ଅଧିକ ଛାତ୍ର ଛାତ୍ରୀ ନିଯୁକ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ।ଏହି କାର୍ଯ୍ୟକ୍ରମରେ ଇଲେକ୍ଟ୍ରିକଲ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଜି.ଆର.ଡି.କେ ସତ୍ୟ ପ୍ରସାଦ, ଡିନ ଆର ଆଣ୍ଡ ଡି. ପ୍ରଫେସର ଜେ.ବି. ଭି. ସୁବ୍ରମଣ୍ୟମ, ଡଃ . ପି. କେ. ପାଣିଗ୍ରାହୀ, ପ୍ରଫେସର ବଳରାମ ଦାସ, ପ୍ରଫେସର ଅକ୍ଷୟ କୁମାର, ପ୍ରଫେସର ବିକ୍ରମ ଆନନ୍ଦ ଉପସ୍ଥିତ ଥିଲେ ।ପରିଶେଷରେ ପ୍ରଫେସର ଶ୍ରୀକା' ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ନୀଳଗିରିରେ ବିଭିନ୍ନ ସଂଗଠନ ପକ୍ଷରୁ ଭାରତ ବନ୍ଦ

ନୀଳଗିରି,୦୮।୧୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନକୁ ବିରୋଧ କରି ମଙ୍ଗଳବାର ସକାଳ ୬ଟା ଠାରୁ ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚକ, ଅଖ, ବିଭିନ୍ନ କାର୍ଯ୍ୟାଳୟ, ସ୍କୁଲ, କଲେଜ ବନ୍ଦ ଥିଲା ବେଳେ ଦୋକାନ ବଜାର ଖୋଲା ଥିଲା । ଏହି ବନ୍ଦକୁ ସମର୍ଥନ ଜଣାଇ ନୀଳଗିରିରେ କଂଗ୍ରେସ, ସ.ପି.ଆଇ., ସି.ପି.ଆଇ.(ଏମ) ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ନୀଳଗିରି ୧୯ନଂ. ରାଜ୍ୟ ରାଜପଥର ବାଇପାଶ ଛକ ଠାରେ ଶାନ୍ତିପୂର୍ଣ୍ଣ ଭାବେ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ନୂଆ କୃଷି ଆଇନକୁ ସଂପୂର୍ଣ୍ଣ ପ୍ରତ୍ୟାହାର କରିବା ପାଇଁ ନୀଳଗିରିରେ ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟ, ପୂର୍ବତନ ବିଧାୟକ ଚିତ୍ତରଂଜନ ଷଡ଼ଙ୍ଗୀ, ଯୋଶଦା ନନ୍ଦନ ସିଂହ, ସି.ପି.ଆଇ.ର ନିରଂଜନ ବାରିକ, କୈଳାସ ପଣ୍ଡା, ବିଜୟ ସ ବନ୍ଦ ଡାକରାରେ ସାମିଲ ଥିବା ବେଳେ ସି.ପି.ଆଇ.(ଏମ) ର ବିଜୟ ପାତ୍ର, ଜ୍ୟୋର୍ତିମୟ ରାଉତ, ଯୋଗାନନ୍ଦ ଦାଶ, ପ୍ରମୁଖ ସାମିଲ ରହି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସେହିପରି ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଶେରଗଡ଼, ଉଦଳା ରାସ୍ତାର ତେଲିପାଳ ଛକ ଠାରେ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ । ଏହି ଆନ୍ଦୋଳନରେ ପୁରୁଷୋତ୍ତମ ସାହୁ, ଅନାଦି ରାଉତ, ଭୋଳାନାଥ ବେହେରା, ସୁଦର୍ଶନ ବିଶ୍ୱାଳ, ଶଚିନ୍ଦ୍ର ସେଠୀ, କୃଷ୍ଣ ତ୍ରିପାଠୀ, ମହେଶ୍ୱର ଦାଶ, ସାବିତ୍ରୀ ନାୟକ, ଦୈତାରୀ ବେହେରା, ଅନନ୍ତ ପଣ୍ଡା ପ୍ରମୁଖ ସାମିଲ ରହି କେନ୍ଦ୍ରର ନୂତନ କୃଷି ଆଇନକୁ ବିରୋଧ କରିଥିଲେ ।

# ଜାରକା ବଜାର ରାସ୍ତାରୁ ବାଲି ସଫା ହେଲା

ଧର୍ମଶାଳା,୦୮।୧୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ବଜାର ରାସ୍ତାରେ ବିଛାଡି ହୋଇ ପଡିଥିବା ବାଲିକୁ ସଫା କରାଯାଇଛି । ୧୬ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ କରୁଥିବା ଠିକାସଂସ୍ଥା ରାସ୍ତା ଉପରୁ ବାଲିକୁ ହଟାଇ ଦେଇଛି । ଫଳରେ ଜନସାଧାରଣଙ୍କ ଯାତାୟତରେ କିଛିକାଂଶରେ ସୁଧାର ଆସିଛି । ପ୍ରକାଶ ଯେ, ଜାତୀୟ ରାଜପଥ ସଂପ୍ରସାରଣ କରୁଥିବା ଠିକାସଂସ୍ଥାର ହାଇୱା ଗାଡିଗୁଡିକ ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ଦିନରାତି ବାଲି ପରିବହନ କରୁଛନ୍ତି । ସେହିପରି ସ୍ଥାନୀୟ ଅଂଚଳର ଟ୍ରକ୍ ଓ ଟ୍ରାକ୍ଟରରେ ମଧ୍ୟ ନିୟମିତ ବାଲି ପରିବହନ ହେଉଛି । ନିୟମାନୁସାରେ ଗାଡିରେ ପାଲ ଢାଙ୍କି ବାଲି ପରିବହନ କରାଯିବା କଥା । ମାତ୍ର ଅଧିକାଂଶ ଗାଡିରେ ଯାଉଥିବା ବାଲି ଉପରେ ପାଲ ଢଙ୍କା ଯାଉନାହିଁ । ଫଳରେ ଗାଡିରୁ ବାଲି ଖସି ରାସ୍ତାରେ ବିଛାଡି ହୋଇ ପଡୁଛି । ଗାଡି ମୋଟର ଯାଉଥିବା ସମୟରେ ବଜାର ଧୂଳିମୟ ହୋଇଯାଉଛି । ଲୋକମାନଙ୍କ ପାଇଁ ଏହା ବିପଦ ସୃଷ୍ଟି କରୁଛି । ଉକ୍ତ ସମସ୍ୟା ସଂପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଦାୟିତ୍ୱରେ ଥିବା ଡିବିଏଲ୍ ଠିକାସଂସ୍ଥା ରାସ୍ତା ଉପରୁ ବାଲି ସଫା କରିଛି । ତେବେ ଏସବୁ ବାଲିକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ବଦଳରେ ଏହାକୁ ରାସ୍ତା ପାର୍ଶ୍ୱରେ ଗଦେଇ ଦିଆଯାଇଛି । ଫଳରେ କିଛିଦିନ ପରେ ଏହି ବାଲି ପୁଣି ରାସ୍ତା ଉପରକୁ ଚାଲିଯିବା ସମ୍ଭାବନା ସୃଷ୍ଟି ହୋଇଛି । ତୁରନ୍ତ ଠିକାସଂସ୍ଥା ଏହି ବାଲିକୁ ଏଠାରୁ ହଟାଇ ନେବାପାଇଁ ସାଧାରଣରେ ଦାବି କରାଯାଇଛି ।

# ପାରାଦୀପ ସବଷ୍ଟେସନ ଗୋଲେଇ ଛକ ଟ୍ରାଫିକ୍ ପଏଣ୍ଟ ଲୋକାର୍ପିତ

ପାରାଦୀପ,୦୮।୧୨ (ନି.ପ୍ର): ପାରାଦୀପ ବନ୍ଦର ପଣ୍ୟ କାରବାର କରିବା ସହିତ ସହରାଂଚଳ ର ସୌନ୍ଦର୍ଯ୍ୟ କରଣ ପାଇଁ ବଦ୍ଧ ପରିକର । ଏହି କ୍ରମରେ ପାରାଦୀପ ବନ୍ଦର ଗେଟ୍ ନମ୍ବର-୩ ନିକଟସ୍ଥ ଗୋଲେଇ ଛକ ର ପୁନଃଗଠନ ପରେ ସୋମବାର ଅପରାହ୍ନରେ ଲୋକାର୍ପିତ ହୋଇଛି । ପାରାଦୀପ ବନ୍ଦର ର ଅଧ୍ୟକ୍ଷ ରିଙ୍କେଶ ରଏ ଏହି ଟ୍ରାଫିକ୍




ପଏଣ୍ଟ ର ଲୋକାର୍ପିତ କରିଛନ୍ତି । ଏହି ଟ୍ରାଫିକ୍ ପଏଣ୍ଟ ର ନିର୍ମାଣ କାର୍ଯ୍ୟ କରିଥିଲେ ପାରାଦୀପର ପୁରାତନ ଷ୍ଟିଭେଡରିଙ୍ଗ୍ ସଂସ୍ଥା ଓଡିଶା ଷ୍ଟିଭେଡର୍ସ ଗ୍ରୁପ । ଏହି ଆକର୍ଷଣୀୟ କିର୍ତ୍ତୀ ବହିରାଗତ ପର୍ଶକ ମାନଙ୍କୁ ଆକର୍ଷିତ କରିବ । ଗୋଲାକାର ଏହି କୃତି ମଧ୍ୟରେ ୱାଟର ଫାଉ ଣ୍ଟେନ୍ ଏହାର ଶୋଭାବର୍ଦ୍ଧନ କରୁଛି । ଏହାର ଚର୍ତ୍ତୁପାର୍ଶ୍ୱରେ ସବୁଜ ବଳୟ ସମସ୍ତଙ୍କୁ ଆକର୍ଷିତ କରିବ ।

# ଫୁଲବାଣୀରେ ଟାଇକୋଣ୍ଡୋ କଲର ବେଲଟ୍ ପରୀକ୍ଷା ଅନୁଷ୍ଠିତ

କନ୍ଧମାଳ,୦୮।୧୨ (ନି.ପ୍ର): ଫୁଲବାଣୀ କରୋନେସନ ପଡ଼ିଆ ଠାରେ କନ୍ଧମାଳ ଜିଲାସ୍ତରୀୟ ଟାଇକୋଣ୍ଡୋ ସଂଘ ଓ ଫୁଲବାଣୀ ମାର୍ଶଲ ଆର୍ଟ ଏକାଡେମିର ମିଳିତ ସହଯୋଗରେ ଦ୍ୱାଦଶ ଟାଇକୋଣ୍ଡୋ କଲର ବେଲଟ୍ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ବିଭାଗରେ ପରୀକ୍ଷାର୍ଥୀ ମାନେ ପରୀକ୍ଷା ଦେଇଥିଲେ । ଓଡ଼ିଶା ଟାଇକୋଣ୍ଡୋ ସଂଘର ସାଧାରଣ ସଂପାଦକ ମନୋଜମୋହନ ଭଞ୍ଜ ଏହି ପରୀକ୍ଷାକୁ ପରିଚାଳନା କରିଥିଲେ । ବେଲଟ୍ ପ୍ରଦାନ ଉତ୍ସବରେ ଜିଲା କ୍ରୀଡା ସଂଘର ସାଧାରଣ ସଂପାଦକ ଶିବ ପ୍ରସାଦ ତ୍ରିପାଠୀ, ଜିଲା କ୍ରୀଡା ଅଧିକାରୀ ଜିତେନ୍ଦ୍ର ମହାକୁଡ଼ ପ୍ରମୁଖ ଅତିଥିଭାବେ ଯୋଗଦେଇ ମାନପତ୍ର ପ୍ରଦାନ କରିଥିଲେ । କନ୍ଦମାଳ ଜିଲା ପାଇଁ ଆଣିଥିବା ଜାତୀୟ ପଦକ ବିଜେତା ମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧନା ଜଣାଇବା ସହିତ ଅନ୍ୟମାନଙ୍କୁ ଅତିଥି ମାନେ ଉତ୍ସାହିତ କରିଥିଲେ । ଜିଲା ସଂଘର ସଂପାଦକ ପ୍ରଭାତ କୁମାର ସାହୁ , ଏକଡ଼େମୀର କୋଚ୍ ରମାକାନ୍ତ ବେହେରା , ପ୍ରିତମ୍ ଚନ୍ଦ୍ର ପ୍ରଧାନ ସହିତ ସିନିୟର ବ୍ଲାକବେଲ୍ଟ ଗୋବିନ୍ଦ ସାହାଣୀ ଓ ମଦନ ଦଳବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ମା' ସ୍ୱପ୍ନେଶରୀ ସନ୍ତୋଷୀ ଦେବୀଙ୍କ ପ୍ରତିଷ୍ଠା ଉତ୍ସବ ଅଙ୍କୁରାରୋପଣରୁ ଆରମ୍ଭ

## ଆଜି ଦେବୀଙ୍କ ବିଗ୍ରହ ପ୍ରତିଷ୍ଠା ଓ ପ୍ରବେଶ ଉତ୍ସବ

ଭଦ୍ରକ,୦୮।୧୨ (ନି.ପ୍ର): କଥାରେ ଅଛି, ଭକ୍ତି ଥିଲେ ଭଗବାନ ଦେଖା ଦିଅନ୍ତି। ଏହିଭଳି ଏକ ଭକ୍ତିମୟ ପ୍ରସଙ୍ଗରୁ ସ୍ୱପ୍ନରେ ମା' ସନ୍ତୋଷୀଙ୍କ ଆଗମନ ଓ ପୂଜା ପାଇବାର ପୀଠସ୍ଥଳିକୁ ମା' ନିଜେ ଚିହ୍ନାଇଦେବା ଭଳି ଘଟଣାରୁ କିଭଳି ଯେ ଏକ କାରୁକାର୍ଯ୍ୟମୟ ସୁଦୃଶ୍ୟ ଦେବୀ ମନ୍ଦିର ପ୍ରତିଷ୍ଠା ହୋଇପାରେ, ତାହାର ନିଚ୍ଛକ ପ୍ରତିଛବି ଦେଖିବାକୁ ମିଳିଛି ଏହି ଜିଲାର କଲେଇ ପଂଚାୟତ ଚୁନିଦା ସ୍ଥିତ ମା' କ୍ଷେତ୍ରବାସିନୀଙ୍କ ପୀଠରେ। ଏହି ପ୍ରତିଷ୍ଠା ଉତ୍ସବ ଆଜିଠାରୁ ଚାରିଦିନ ବ୍ୟାପୀ ଆରମ୍ଭ ହୋଇଛି। ଶ୍ରୀକ୍ଷେତ୍ର ଧାମ ପୁରୀ ଶ୍ରୀମନ୍ଦିରରୁ ଆଜି ଆଜ୍ଞାମାଳ ଆସିବା ପରେ ଅଙ୍କୁରାରୋପଣ



ଉତ୍ସବର ଅୟମାରମ୍ଭ ହୋଇଛି। ପୁରୀ ଶ୍ରୀମନ୍ଦିରର ସେବାୟତ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମାଙ୍କ ପୌରୋହିତ୍ୟରେ ଆରମ୍ଭ ହୋଇଥିବା ଆଜିର ଉତ୍ସବ ପ୍ରାରମ୍ଭରେ ମା' କ୍ଷେତ୍ରବାସିନୀଙ୍କୁ ମାର୍ଜନା କରାଯାଇ ଅଙ୍କୁରାରୋପଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ଏହି ଅଙ୍କୁରାରୋପଣ କାର୍ଯ୍ୟକ୍ରମ ଯୁବ ସମାଜସେବୀ କୃଷ୍ଣଚନ୍ଦ୍ର ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସଂପାଦନ ହୋଇଥିବାବେଳେ ପୁରୋଧା ପୀତାମ୍ବର ପରିଡା ଓ ବାସନ୍ତୀଲତା ପରିଡା ସମସ୍ତ ରୀତିନୀତି ଅନୁସାରେ ପୂଜୋତ୍ସବର କାର୍ଯ୍ୟ ତୁଲାଇଥିଲେ। ଘଣ୍ଟ, ହୁଳହୁଳି, ଶଙ୍ଖଧ୍ୱନି ମଧ୍ୟରେ ଏହି ଅଙ୍କୁରାରୋପଣ ଉତ୍ସବରେ ସ୍ଥାନୀୟ ଅଂଚଳର ବହୁ ଶ୍ରଦ୍ଧାଳୁ ଭକ୍ତ ଅଂଶଗ୍ରହଣ କରିଥିଲେ। ଆସନ୍ତାକାଲି ସୂର୍ଯ୍ୟପୂଜା, କଳସ ଯାତ୍ରା ପରେ ବିଗ୍ରହ ପ୍ରତିଷ୍ଠା ଓ ପ୍ରବେଶ ଉତ୍ସବ ସଂପନ୍ନ ହେବ। ୧୦ ତାରିଖ ଦିନ ମଣ୍ଡଳ ପୂଜା, ଗୀତାଯଜ୍ଞ, ନାମଯଜ୍ଞ, ଆହୂତି ପ୍ରଦାନ ପରେ ୧୧ ତାରିଖ ଦିନ ପୂର୍ଣ୍ଣାହୂତିରେ ବହୁ ଶ୍ରଦ୍ଧାଳୁ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# କେନ୍ଦୁଝର ଜିଲ୍ଲାରେ ଆଜି ୭ କରୋନା ପଜିଟିଭ ଚିହ୍ନଟ: ସୁସ୍ଥ ହେଲେ ୭୫୨୩

କେନ୍ଦୁଝର,୦୮।୧୨ (ନି.ପ୍ର): ଗତକାଲି ଜିଲ୍ଲାରେ ୨୪ ଜଣ କରୋନା ପଜିଟିଭ ଚିହ୍ନଟ ହେବା ପରେ ଆଜି ୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାହା ମଧ୍ୟରେ କେନ୍ଦୁଝର ଗଡ ମ୍ୟୁନିସପାଲଟି ଅଂଚଳରୁ ୩ ଜଣ ରହିଥିବା ବେଳେ କେନ୍ଦୁଝର ସଦର ବ୍ଲକ ଅଂଚଳରୁ ୨ ଜଣ, ଏବଂ ଆନନ୍ଦପୁର ବ୍ଲକ ଓ ପାଟଣା ବ୍ଲକ ଅଂଚଳରୁ ୧ ଜଣ ଲେଖାଁଏ ରହିଛନ୍ତି ।
ଆଜି ତଥା ମଙ୍ଗଳବାର ଦିନ ଚିହ୍ନଟ ଆକ୍ରାନ୍ତଙ୍କ ସଂପର୍କରେ ମିଳିଥିବା ସବିଶେଷ ତଥ୍ୟନୁଶାରେ ଆନନ୍ଦପୁର ବ୍ଲକର ବାଇଲୋ ପଂଚାୟତ ଅଂଚଳରେ ୧ ଜଣ, କେନ୍ଦୁଝର ଗଡ ମ୍ୟୁନିସପାଲଟି ର ୱାର୍ଡ ନଂ ୭ ରେ ୨ ଜଣ ଓ ୱାର୍ଡ ନଂ ୧୫ ରେ ୧ ଜଣ, ପାଟଣା ବ୍ଲକର ଚେମଣା ପଂଚାୟତ ଅଂଚଳରେ ୧ ଜଣ, କେନ୍ଦୁଝର ସଦର ବ୍ଲକ ର ଡିମ୍ବୋ ଓ ପଦ୍ମପୁର ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ ରହିଛନ୍ତି । ଫଳରେ ଜିଲ୍ଲାରେ ଏବେ ମୋଟ କରୋନା ପଜିଟିଭ ସଂଖ୍ୟା ୭୬୬୩ ରେ ପହଂଚିଥିବା ବେଳେ ଇତି ମଧ୍ୟରେ ୭୫୨୩ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ବର୍ତ୍ତମାନ ଜିଲ୍ଲାରେ ଆକ୍ଟିଭ କେଶ ୧୦୬ ରହିଛି । ଗତ ୨୪ ଘଟଂ। ମଧ୍ୟରେ ୧୬୪୨ ଜଣଙ୍କର କୋଭିଡ ଟେଷ୍ଟ ହୋଇଛି । ଜିଲ୍ଲାରେ କରୋନା ପଜିଟିଭ ସଂଖ୍ୟା ହ୍ରାସ ପାଉଥିବା ଯଦିଓ ଏକ ଶୁଖ ଖବର ତଥାପି କିନ୍ତୁ ଏ କ୍ଷେତ୍ରରେ ଜିଲ୍ଲାବାସୀଙ୍କୁ ଅଧିକ ସଚେତନ ରହିବାର ଆବଶ୍ୟ ରହିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo